## ମୁଖ୍ୟମନ୍ତ୍ରୀ ବସ୍‌ରୁ ଖସି ଛାତ୍ରୀ ଗୁରୁତର

ଜଗନ୍ନାଥପ୍ରସାଦ,୬ ।୧(ସମିସ): ଜଗନ୍ନାଥପ୍ରସାଦ ଥାନା ଅଧୀନ ଏକଘରିଆ ଛକ ନିକଟରେ ଜଣେ ବିଦ୍ୟାଳୟ ଛାତ୍ରୀ ମୁଖ୍ୟମନ୍ତ୍ରୀ ବସ ସେବାରୁ ଖସି ଗୁରୁତର ଅଛନ୍ତି । ଗୁରୁତର ଜଣକ ହେଉଛନ୍ତି କାଦୁଆ ପଞ୍ଚାୟତ ଏକଘରିଆ ଗ୍ରାମର ନବଘନ ଓ ପିଙ୍କି ମହାନ୍ତିଙ୍କ ୧୩ବର୍ଷର ଝିଅ ସୋନାଲି ମହାନ୍ତି। ସୋନାଲି କାଦୁଆ ପିଏମଶ୍ରୀ ଗୋପୀନାଥ ସ୍ୱାମୀ ବିଦ୍ୟାପୀଠରେ ସପ୍ତମ ଶ୍ରେଣୀର ଛାତ୍ରୀ ଅଟନ୍ତି। ସେ ବିଦ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଭଳି ମଙ୍ଗଳବାର ସକାଳ ସାଢ଼େ ୯ଟାରେ ନିଜ ଗ୍ରାମ ଛକ ଏକଘରିଆ ଠାରେ ବସକୁ ଅପେକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ବସ (ଓଆର୦୭ଏଟି ୯୫୩୧)ଟି ରୁଢାପଦରରୁ ଫେରୁଥିବା ବେଳେ ଛାତ୍ରୀ ଜଣକ ବସର ଭିତରକୁ ଅଧା ପାଦ ଥିବା ବେଳେ ଅନ୍ୟ ପାଦଟି ତଳେ ରହିଥିଲା। ଏତିକି ବେଳେ ବସ ଚାଳକ ବସଟିକୁ ଆଗକୁ ନେଇ ଯାଇଥିଲେ । ଫଳରେ ଛାତ୍ରୀ ଜଣକ କିଛି ବାଟ ପର୍ଯ୍ୟନ୍ତ ରାସ୍ତାରେ ଘୋଷାଡ଼ି ହୋଇ ଯାଇଥିବା ଛାତ୍ରୀଙ୍କ ମା'ପିଙ୍କି ଅଭିଯୋଗ କରିଛନ୍ତି । ଏପରିକି ବସ କର୍ମଚାରୀ ଛତ୍ରୀଙ୍କୁ ଉଦ୍ଧାର ନ କରି ଜଗନ୍ନାଥ ପ୍ରସାଦ ଚାଲି ଯାଇଥିଲେ। ଜଗନ୍ନାଥପ୍ରସାଦ ମୁଖ୍ୟମନ୍ତ୍ରୀ ବସସେବା କାର୍ଯ୍ୟାଳୟର ସୁପ୍ରଭାଇଜର ସୂଚିତ୍ର ପରିଡା ପହଞ୍ଚି ଛାତ୍ରୀର ଚିକିତ୍ସା କରାଇ ଥିଲେ। ପୁଲିସ ଉକ୍ତବସ ଏବଂ ବସରେ କାର୍ଯ୍ୟରତ ଚାଳକ ଓ କଣ୍ଡକ୍ଟରକୁ ଅଟକ ରଖି ତଦନ୍ତ ଜାରି ରଖିଛି । ତେବେ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି ।

## ଆମ ବସ୍ ଧକ୍କାରେ ବାଛୁରି ମୃତ

ହୁମ୍ମା,୬ ।୧(ସମିସ): ଆମ ବସ୍ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ଅଭିଯୋଗ ହୋଇଛି । ବେପାରୁଆ ଗାଡ଼ି ଚାଳନା କରୁଛନ୍ତି। ଫଳରେ ଦୁର୍ଘଟଣା ଘଟାଉଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ମଦ ପିଇ ମୋ ବସ୍ (ଓଡ଼ି ୦୭ଏଟି ୯୭୫୬) ଡ୍ରାଇଭରର ଗାଡ଼ି ଧକ୍କାରେ ବାଛୁରି ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାଟି ପାଲୁର ଜଂକସନ - ପାଲୁର ରାସ୍ତା ବାଲିବଗଡ଼ ଛକ ନିକଟରେ ଘଟିଛି । ପ୍ରତ୍ୟେକ ଦିନ ଏହି ବସ୍ ଡ୍ରାଇଭର ବେପାରୁଆ ଗାଡ଼ି ଚାଳନା କରୁଥିବା ବାଲିବଗଡ଼ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ପୋଖରୀରେ ବୁଡ଼ି ଯୁବତୀ ମୃତ

ଆସିକା,୬ ।୧(ସମିସ): ଆସିକା ଥାନା ଅନ୍ତର୍ଗତ ଅସୁରାଇପଲ୍ଲୀ ଗ୍ରାମରେ ଜଣେ ଯୁବତୀ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣଙ୍କ ହେଲେ ରାଜଲକ୍ଷ୍ମୀ ନାୟକ(୨୦) । ସେ ପୋଖରୀକୁ ଶୌଚ ହେବାକୁ ଯାଇଥିବା ସମୟରେ ଅସାବଧାନତାରୁ ପୋଖରୀରେ ବୁଡି ଯାଇଥିଲେ। ଖୋଜା ଖୋଜି ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

## ମନ୍ଦିରର ଚୋରି ସାମଗ୍ରୀ ଉଦ୍ଧାର

ବେଲଗୁଣ୍ଠା,୬ ।୧(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଘୁ. ନୂଆଁଗାଁ ମାଆ ବାରପାହାନ୍ତି ମନ୍ଦିର ଏବଂ ଶନି ମନ୍ଦିରରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀକୁ ଉଦ୍ଧାର କରି ମନ୍ଦିର ପରିଚାଳନା କମିଟିକୁ ହସ୍ତାନ୍ତର କରିଛି ପୁଲିସ୍ । ଗତ ମାସରେ ଚୋର ମାନେ ମାଆ ବାରପାହାନ୍ତି ଠାକୁରାଣୀଙ୍କ ଅଳଙ୍କାର ତଥା ରୁପା ମୁକୁଟ, ରୂପା ହାର, କାନ ଏବଂ ନାକର ଅଳଙ୍କାର ଚୋରି କରି ନେଇଥିବା ବେଳେ ଗ୍ରାମର ଶନି ମନ୍ଦିରରୁ ରୂପା ଗ୍ଲାସ୍, ରୂପା ଗିନା, ପାଣି ପମ୍ପ୍ ଏବଂ ମ୍ୟୁଜିକ ଡେକ୍ ଚୋରି କରି ନେଇଥିଲେ । ଏନେଇ ବେଲଗୁଣ୍ଠା ଥାନାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ୍ ଏହାକୁ ଗୁରୁତ୍ୱର ସହିତ ନେଇ ୬୦୦/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଉଭୟ ମନ୍ଦିରର ଚୋରି ସାମଗ୍ରୀ ଉଦ୍ଧାର କରି ପରିଚାଳନା କମିଟିକୁ ହସ୍ତାନ୍ତରିତ କରିଛି ପୁଲିସ। ଏନେଇ ଉଭୟ ମନ୍ଦିରର ପରିଚାଳନା କମିଟି ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କୁ କୃତଜ୍ଞତା ଜଣାଇବା ସହ ବେଲଗୁଣ୍ଠା ଥାନା କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି ।

### ଧାନମଣ୍ଡି ସମସ୍ୟାର ସମାଧାନ ଦାବି

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଚାଷୀ




କବିସୂର୍ଯ୍ୟନଗର,୬ ।୧(ସମିସ): ମଣ୍ଡି ସମସ୍ୟାକୁ ନେଇ ତାତିଲେ ଚାଷୀ। ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଯୋଗାଣ ନିରକ୍ଷକଙ୍କୁ ଦୀର୍ଘ ସମୟ ଧରି ଘେରିଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକରେ। ବ୍ଲକର ୨୧ ପଞ୍ଚାୟତ ମଧ୍ୟରୁ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଅଧିନ ୯ଟି ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ମଣ୍ଡି ଖୋଲିନଥିବା ବେଳେ ପ୍ରଶାସନ ସମସ୍ତ ସମବାୟ ସମିତି ଧାନ ଉଠାଣ ଉପରେ ରୋକ ଲଗାଇ ମହିଳା ଏସଏଚଜି ଗ୍ରୁପ ଦ୍ୱାରା ଧାନ ଉଠାଣ ପାଇଁ ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତିକୁ ବିରୋଧ କରି ଚାଷୀ ସଂଗଠନ ପକ୍ଷରୁ କବିସୂର୍ଯ୍ୟନଗର ବନଦେବୀ ମନ୍ଦିରରୁ ଏକ ବିରାଟ ପଦଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଚାଷୀ ସଂଘର କର୍ମକର୍ତ୍ତା ମାନେ ବ୍ଲକ କାର୍ଯ୍ୟାଳୟରେ ପସି ଯୋଗାଣ ନିରୀକ୍ଷକଙ୍କୁ ଘେରିଯାଇଥିଲେ। ବହୁ ସମୟ ଧରି ଚାଷୀଙ୍କ ନିକଟରେ ଯୋଗାଣ ନିରୀକ୍ଷକ ଅଟକ ରହିଥିବା ବେଳେ ବିଡିଓ ଓ ତହସିଲଦାର ଅନୁପସ୍ଥିତ ରହିଥିଲେ। ପୁଲିସ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରୁଥିବା ବେଳେ ଉପରିସ୍ଥ ଅଧିକାରୀ କିନ୍ତୁ ପ୍ରତିବାଦ ସ୍ଥଳଠାରୁ ଦୂରରେ ରହିଥିବାରୁ ଚାଷୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ତହସିଲଦାରଙ୍କ ସହଯୋଗ ମାଗିବାରୁ ଘଟଣାସ୍ଥଳକୁ ଆସି ଚାଷୀଙ୍କ ପ୍ରତିବାଦକୁ ସମ୍ମୁଖୀନ ନ ହୋଇ ଖସି ଚାଲିଗଲେ। ଫଳରେର ଚାଷୀ ନିରାଶ ହୋଇ ଫେରିଥିଲେ। ଏନେଇ ଯୋଗାଣ ଅଧିକାରୀ ଶିବରାମ ମିଶ୍ର କହିଛନ୍ତି ଚାଷୀ ମଣ୍ଡି ବା ଗ୍ରୁପ ମାଧ୍ୟମରେ ଧାନ ଦେବ ତାହା ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା

କୋଦଳା,୬ ।୧(ସମିସ): ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ କୋଦଳା ଅଗ୍ନିଶମ ଅଧିକାରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ନେଇ ଏକ ଅଗ୍ନି ନିରାପତ୍ତା ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଉଦଘାଟନ କରି ଏହାର ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ। କୋଦଳା ଦମକଳ କେନ୍ଦ୍ରର ସହକାରୀ କେନ୍ଦ୍ରାଧିକାରୀ ଅନିଲ ବେହେରା, ମୁଖ୍ୟ ଅଗ୍ନିଯୋଦ୍ଧା ଜିତେନ୍ଦ୍ର କୁମାର ନାୟକ ଏବଂ ଅଗ୍ନିଯୋଦ୍ଧା କମରାନ ଖାନ, ଶିବୁ ପ୍ରସାଦ ସାହୁ, ରାଜେଶ କୁମାର ଜେନା ଓ ଗାଡି ଚାଳକ ପ୍ରକାଶ ବେହେରାଙ୍କ ଦ୍ୱାରା ବିଭିନ୍ନ ଅଗ୍ନିନିର୍ବାପକ ଯନ୍ତ୍ର ଓ କୌଶଳ ସମ୍ବନ୍ଧେ ଶିକ୍ଷା ପ୍ରଦାନ କରାଯାଇଥିଲା ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ଭଞ୍ଜନଗର,୬ ।୧(ସମିସ): ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଭଞ୍ଜନଗର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ସଭ୍ୟ ସଭ୍ୟାଙ୍କର ସହଯୋଗ କାମନା କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚଳିତ ବର୍ଷ ପରେଡ୍‌ରେ ସହରର ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଏହା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପରେଡ୍ ଅଭ୍ୟାସ ଆସନ୍ତା ୨୧ ଓ ୨୨ ତାରିଖ ଅପରାହ୍ନରେ ସ୍ଥାନୀୟ ଜେଲ ଗ୍ରାଉଣ୍ଡରେ ଅଭ୍ୟାସ କରିବା ନିମନ୍ତେ ସ୍ଥିର କରାଯାଇଛି। ଏଥି ସହ ଓଡ଼ିଆ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି । ବୈଠକରେ ଭଞ୍ଜନଗର ଉପଖଣ୍ଡ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲିଆମା, ଡେପୁଟି କଲେକ୍ଟର ଗୋପାଳକୃଷ୍ଣ ରାଉତରାୟ, ଡେପୁଟି କଲେକ୍ଟର ରଚିତା ମହାପାତ୍ର, ସହକାରୀ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ଼ଃ ଦୀପକ କୁମାର ମିଶ୍ର, ତହସିଲଦାର ଅଭିପ୍ସା ପଟ୍ଟନାୟକ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲିକୃଷ୍ଣ ପଣ୍ଡା, ଭଞ୍ଜନଗର ଥାନାଧିକାରୀ ଜୀବନା ନନ୍ଦ ଜେନାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ଏନ୍‌ସିସି ଅଫିସର କେ.ଏସ.ୟୁ .ବି କଲେଜ, ବଣିକ ସଂଘର ସଭାପତି ଓ ସମ୍ପାଦକ, ଖୁଚୁରା ବ୍ୟବସାୟୀ ସଂଘ ସଭାପତି ଓ ସମ୍ପାଦକ, ମଧୁସୂଦନ ଟ୍ରଷ୍ଟର ସଭାପତି, ସମାଜସେବୀ ମୁରଲୀଧର ପଣ୍ଡା, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି, ସମସ୍ତ ସାମ୍ବାଦିକ, ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୂଚନା ଲୋକ ସମ୍ପର୍କ ବିଭାଗର ବରିଷ୍ଠ କର୍ମଚାରୀ ପ୍ରଦୀପ କୁମାର ପାତ୍ର, ପଦ୍ମ ଚରଣ ନାୟକ ଓ ତାରିଣି ସାହୁ ସହଯୋଗ କରିଥିଲେ।



# ସ୍ଥାୟୀ ପଟ୍ଟା ଯୋଗାଇବା ପାଇଁ ପ୍ରଶାସନର ପ୍ରସ୍ତୁତି

ଆସିକା,୬ ।୧(ସମିସ): ଆସିକା ପୌରାଞ୍ଚଳରେ ପୁରୁଷ ପୁରୁଷ ଧରି ଗ୍ରାମକଣ୍ଟକ ପରମ୍ପୋକ କିସମ ଜମିରେ ବାସଗୃହ କରି ରହିଆସୁଥିବା ସାତ ରାଜସ୍ୱ ମୌଜା ବାସିନ୍ଦାଙ୍କୁ ସ୍ଥାୟୀ ଘରବାରି ପଟ୍ଟା ଯୋଗାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି ।

ରାଜସ୍ୱ ବିଭାଗ ପକ୍ଷରୁ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପରେ ନାଗରିକ କମିଟି ଉଦ୍ୟମରେ ଅନୁଷ୍ଠିତ ବୈଠକରେ ବିଧାୟକ ସରୋଜ କୁମାର ପାଢ଼ୀ, ତହସିଲଦାର ସଙ୍ଗୀତା ସେଣ, ନଗରପାଳିକା ବିନେତା ସ୍ୱାଇଁ, ସତ୍ୟନାରାୟଣ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଗରିକ କମିଟି ଉପଦେଷ୍ଟା ଶ୍ରୀ ରଥ ସଭା ସଂଯୋଜନା କରିଥିଲେ। ନାଗରିକ କମିଟି ସଂଗଠକ ଗଙ୍ଗାଧର ଶତପଥୀ ରାଜସ୍ୱ ବିଭାଗର କର୍ମଚାରୀଙ୍କ ଆନ୍ତରିକତା ଓ ମାପ ଜୁପ କାର୍ଯ୍ୟ ପରିଚାଳନାକୁ ତ୍ୱରାନିତ କରିବାକୁ ଅଧିକ କର୍ମଚାରୀ ନିୟୋଜିତ କରିବାକୁ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାଗରିକ କମିଟି ର ସଭାପତି ଛବିଳରାମ ମିଶ୍ର, ମା'ଖମ୍ବେଶ୍ୱରୀ ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଓକିଲ ସଂଘ ସଭାପତି ଅଜିତ ଚୌଧୁରୀ, ବଣିକ ସଂଘର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ ।

## ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ



ଛତ୍ରପୁର,୬ ।୧(ସମିସ): ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାରେ ମଙ୍ଗଳବାର ଗଡିଲା ପାଣି ପଞ୍ଚାୟତ ସଚେତନତା ରଥ। କୃଷକର ଉନ୍ନତି ନେଇ ଜାନୁୟାରୀ ୬ ରୁ ୨୦ ତାରିଖ ପର୍ଯ୍ୟନ୍ତ "ପାଣି ପଞ୍ଚାୟତ ପକ୍ଷ' ପାଳନ କରାଯାଉଛି । ଏନେଇ ମଙ୍ଗଳବାର ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ "ପାଣି ପଞ୍ଚାୟତ ରଥ କୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଶୁଭାରମ୍ଭ କରିଛନ୍ତି। ପାଣି ପଞ୍ଚାୟତର ସୁଫଳ ଓ ଏହାର କାର୍ଯ୍ୟକାରିତା ନିମନ୍ତେ ଥିବା ଯୋଜନାଗୁଡିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା କରି ଚାଷୀ ମାନଙ୍କୁ ବିଭିନ୍ନ ପ୍ରକାର ସଚେତନ କରାଇବ । ଏହି ଅବସରରେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜୀବ ଲୋଚନ ପଣ୍ଡିତ, ଅଧିକ୍ଷଣ ଯନ୍ତ୍ରୀ (ବ୍ରହ୍ମପୁର) ସୁବ୍ରତ କୁମାର ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ ଓ ସହକାରୀ ଯନ୍ତ୍ରୀ (ଛତ୍ରପୁର) ମଧୁସୂଦନ ଦାଶଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଟିପିଏସ୍‌ଓଡିଏଲ ପକ୍ଷରୁ ରକ୍ତଦାନ ଶିବିର



ଆସିକା,୬ ।୧(ସମିସ): ଟାଟା ପାୱାର ପକ୍ଷରୁ ମଙ୍ଗଳବାର ଦିନ ଆସିକାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟୁତ୍ ବିତରଣ କମ୍ପାନୀର ଏହି ଗ୍ରାହକ ତଥା ଜନ ସମ୍ପର୍କକୁ ଟାଟା ପାୱାର ଆସିକା ସର୍କଲ ଏସ.ଇ ଇଂ. ପ୍ରଭାତ କୁମାର କର, ଡିଭିଜନ୍ ନିର୍ବାହୀଯନ୍ତ୍ରୀ ଜଗଜିତ୍ ଦାସ ମହାପାତ୍ର, ଏସଡିଓ ଇଂ. କାଳୀଚରଣ ନନ୍ଦ, ସହକାରୀ ଯନ୍ତ୍ରୀ ରାକେଶ ପାତ୍ର, ଦିଲ୍ଲୀପ ସାହୁଙ୍କ ସମେତ ଅନ୍ୟାନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଶିବିରରେ ମୋଟ ୭୫ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାରରୁ ଡାକ୍ତର ଓ ଟେକିନିଶିଆନ ଟିମ ରକ୍ତ ସଂଗ୍ରହ କରିଥିଲେ। ରକ୍ତ ଭଣ୍ଡାରରେ ରକ୍ତର ଆବଶ୍ୟକତା ଥିବା ବେଳେ କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି ।

## ଜାତୀୟ ସାଇକେଲିଂ ପ୍ରତିଯୋଗିତାରେ ଯସ୍‌ରାଜ

ଗଞ୍ଜାମ,୬ ।୧(ସମିସ): ଆସନ୍ତା ୧୩ ରୁ ୧୭ ପର୍ଯ୍ୟନ୍ତ ଝାରଖଣ୍ଡର ରାଞ୍ଚି ଠାରେ ଅନୁଷ୍ଠିତ ହେବ ଜାତୀୟ ସାଇକେଲିଂ ପ୍ରତିଯୋଗିତା। ଏଥିରେ ଭାଗ ନେବେ ଓଡ଼ିଆ ପୁଅ ଯସରାଜ ବାଡ଼ତ୍ୟା। ବୁଧବାର ବିଦ୍ୟାଳୟରୁ କଳିଙ୍ଗ ଷ୍ଟାଡିଅମରେ କୋଚିଂ କ୍ୟାମ୍ପରେ ଯୋଗ ଦେବା ପାଇଁ ଯାତ୍ରା କରିବେ ଯସରାଜ । ପରେ ରାଞ୍ଚି ଅଭିମୁଖେ ଯାତ୍ରା କରିବେ ବୋଲି କହିଛନ୍ତି ଭାରତୀ ବିଦ୍ୟାପୀଠ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ । ଯସରାଜ ଉକ୍ତ ଭାରତୀ ବିଦ୍ୟାପୀଠରେ ନବମ ଶ୍ରେଣୀରେ ପଢ଼ୁଛନ୍ତି । ଗଞ୍ଜାମ ସହର ବ୍ରାହ୍ମଣ ଡମଣା ସାହିର ଯୁଧିଷ୍ଠିର ବାଡ଼ତ୍ୟା ପୁଅ ଯସରାଜ ପିଲାଦିନରୁ ସାଇକେଲିଂ ପ୍ରତି ମନ ବଳାଇଥିଲେ । ତେଣୁ ବାପା ଯୁଧିଷ୍ଠିର ଓ ମା'ସବିତା ତାଙ୍କୁ ସହଯୋଗ କରି ଆସୁଥିଲେ । ଗତ ନଭେମ୍ବର ୩ ଓ ୪ରେ ସୁନ୍ଦରଗଡ଼ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଇକେଲିଂ ପ୍ରତିଯୋଗିତାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ସହ ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଥିଲେ ଯସରାଜ । ଗ୍ରାମାଞ୍ଚଳର ଜଣେ ଖେଳାଳି ଜାତୀୟ ଖେଳରେ ଭାଗ ନେବା ଗୌରବର ବିଷୟ ବୋଲି ଭାରତୀ ବିଦ୍ୟାପୀଠର ବରିଷ୍ଠ କିରାଣୀ ହରି ହର ବାରିକ କହିଛନ୍ତି ।



### ଏବିଡିଓଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ


# ଏଡିଏମ୍‌ଙ୍କୁ ଭେଟିଲେ ଓକିଲ ସଂଘ କର୍ମକର୍ତ୍ତା



ଛତ୍ରପୁର,୬ ।୧(ସମିସ)

ପଇସା ଦିଅ ସାର୍ଟିଫିକେଟ ନିଅ ଏପରି ସଙ୍ଗିନ୍ ଅଭିଯୋଗ ଆସିଛି ପୁରୁଷୋତ୍ତପୁର ଏବିଡିଓଙ୍କ ବିରୋଧରେ। ଏନେଇ ପୁରୁଷୋତ୍ତମପୁର ଓକିଲ ସଂଘର ବହୁ ଆଇନଜୀବୀ ମଙ୍ଗଳବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏବିଡ଼ିଓଙ୍କୁ ତୁରନ୍ତ ବଦଳି କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ପୁରୁଷୋତ୍ତମପୁର ଓକିଲ ସଂଘ କର୍ମକର୍ତ୍ତା। ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ପ୍ରଦାନ କରାଯାଇଛି। ବିବାହ ପଞ୍ଜୀକରଣ ନିମନ୍ତେ ଟଙ୍କା ନେବା ସହ ବିଭିନ୍ନ କାମ ନିମନ୍ତେ ପ୍ରଥମେ ଟଙ୍କା ମାଗୁଛନ୍ତି ଏବିଡିଓ।


ଏହା ସହିତ ସମସ୍ତଙ୍କୁ ଦୁର୍ବ୍ୟବହାର କରୁଛନ୍ତି ବୋଲି ମଧ୍ୟ ବହୁ ଆଇନଜୀବୀ ଅଭିଯୋଗ କରିଛନ୍ତି। ଶ୍ରୀ ଜେନା ପୁରୁଷୋତ୍ତମପୁର ଏବିଡିଓ ଭାବେ ଯୋଗଦେବା ପରଠାରୁ ବିବାହ ପଞ୍ଜିକରଣ ସାର୍ଟିଫିକେଟ ଲାଗି ୧ହଜାରରୁ ୩ ହଜାର ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ସାର୍ଟିଫିକେଟ ଦେଉ ନାହାନ୍ତି। ଏହାସହ ଲାଞ୍ଚ ନ ଦେଲେ କୌଣସି କାର୍ଯ୍ୟ କରୁନାହାନ୍ତି ବୋଲି ଉକ୍ତ ଦାବିପତ୍ର ରେ ଦର୍ଶାଇଛି। ସେମାନଙ୍କ ଦାବି ଯଥାଶୀଘ୍ର ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ବେଳେ ପୁରୁଷୋତ୍ତମପୁର ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ଆଇନଜୀବୀ ପ୍ରଭାତ କୁମାର ପଟ୍ଟନାୟକ, ତୁଷାରକାନ୍ତ ରାଉଳ, ସୀମାଞ୍ଚଳ ମିଶ୍ର ଓ ଅଶୋକ କୁମାର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଅଭିଯୋଗ ନେଇ ପୁରୁଷୋତ୍ତମପୁର ଏବିଡିଓ ଶ୍ରୀ ଜେନାଙ୍କ ସହ ଯୋଗାଯୋଗ କରିବା ବେଳେ ମୋବାଇଲ ସୁଇଚ ଅଫ ରହିଥିବା ଜଣାପଡିଛି।












# ପଞ୍ଚାୟତ ଗୃହ ନିର୍ମାଣ ନେଇ ତାତିଲେ ୬ ୱାର୍ଡବାସୀ
# ରାସ୍ତା ଅବରୋଧ ସହ ବ୍ଲକ୍ ଘେରଉ

ବାଲିଗୁଡ଼ା,୬।୧୨(ସମିସ)

ଜନସାଧାରଣଙ୍କ ସୁବିଧା ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ନହେବା ଯୋଗୁଁ ଉତ୍ତ୍ୟକ୍ତ ଲୋକେ ବ୍ଲକ ଘେରାଉ କରିବା ସହ ରାସ୍ତା ଅବରୋଧ କରିଥିଲେ। କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଅନ୍ତର୍ଗତ ଯୁବାଗୁଡା ପଞ୍ଚାୟତରେ ସମସ୍ତଙ୍କ ସୁବିଧା ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ନହେବା ଯୋଗୁଁ ବ୍ଲକ ଘେରାଉ କରାଯିବା ସହିତ ତୁମୁଡିବନ୍ଧ ଠାରୁ ୫ ନମ୍ବର ରାଜ୍ୟ ରାଜପଥ ମନିଗୁଡ଼ା ଓ ସୁବର୍ଣ୍ଣଗିରୀ ରାସ୍ତା ଅବରୋଧ କରାଯାଇଥିଲା। ସୂଚନା ଅନୁସାରେ କୋଟଗଡ ପଞ୍ଚାୟତସମିତିକୁ ୨୦୧୭ରେ ପଞ୍ଚାୟତ ସମ୍ପ୍ରସାରଣ କରି ଯୁବାଗୁଡାକୁ ନୂତନ ପଞ୍ଚାୟତ ରୂପେ ମାନ୍ୟତା ପାଇଥିଲା । କିନ୍ତୁ ପଞ୍ଚାୟତ ଗୃହ ପାଇଁ ଅଦ୍ୟାବଧି ଲାଗିରହିଛି ୱାର୍ଡ ୱାର୍ଡ ମଧ୍ୟରେ ବିବାଦ । ଅଭିଯୋଗକାରୀଙ୍କ କହିବାନୁଯାଇ ପୂର୍ବ ନିଷ୍ପତ୍ତି ପ୍ରକାରେ ବଡ଼ଜାଲରେ ପଞ୍ଚାୟତଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା । ଆଉ ପରବର୍ତ୍ତି ସମୟରେ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବିବାଦ ଉପୁଜିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଆଉ ଏହାର ନ୍ୟାୟ ଦାବିରେ ଗୋଟିଏ ଗୋଷ୍ଠୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇ ପଞ୍ଚାୟତ ଗୃହନିର୍ମାଣ ପାଇଁ ଅନୁମତି ପତ୍ର ଆଣିଥିଲେ । ହେଲେ ପଞ୍ଚାୟତ ଗୃହ ଅନ୍ୟତ୍ର ନିର୍ମାଣ ହେଉଥିବାରୁ ସାନ୍ଧିମାହା, ବଡ଼ଜାଲ, ଟୀକାରାଗାଁ, ମାଟିଗେଡ଼ା, ଯାଞ୍ଜକପାଟା, ମାଝୀଗୁଡା ଆଦିର ଶତାଧିକ ଲୋକେ କୋଟଗଡ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଅତିରିକ୍ତ ତହସିଲଦାର ଅମର ପରାସେଟ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ଅପରାହ୍ନ ୪ଟାରୁ କୋଟଗଡ ବଜାରରେ ପହଞ୍ଚି ନାରାବାଜି ସହ ରାସ୍ତା ଅବରୋଧ କରି ବସିଥିଲେ। ହଣ୍ଡାହାଣ୍ଡି ଆଣି ରନ୍ଧା ଖାଦ୍ୟ ଖାଇଥିଲେ । ଫଳରେ ଗାଡି ମଟର ଯାତାୟାତ ବନ୍ଦ ହୋଇଥିଲା। ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଘଟଣାସ୍ଥଳରେ ତହସିଲଦାର ଭୋଳାନାଥ ମାଝୀ ଓ ଥାନାଧିକାରୀ ସମୀର କୁମାର ବେହେରା ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କୌଣସି ଫଳ ନ ହେବାରୁ ଘଟଣା ସ୍ଥଳରେ ବାଲିଗୁଡ଼ା ଏସଡ଼ିପିଓ ଶୁଭମ ଭୋସଲେ ପହଞ୍ଚିଥିଲେ। ବହୁ ଚେଷ୍ଟା ଚାରି ଘଣ୍ଟା ପରେ ତହସିଲଦାର ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା ।

## ହାଇୱା ପଛରେ ପିଟିହେଲା ବାଇକ; ଯୁବକ ମୃତ

ଫୁଲବାଣି,୬।୧(ସମିସ): ଖଜୁରୀପଡା ସହର କୁଟିବାରି ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ରାଜଧାନୀ ସନ୍ଧ୍ୟା ବେଳେ ଏକ ହାଇୱା ପଛରେ ବାଡେଇ ହେବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଖଜୁରୀପଡା ଡଙ୍ଗିସାହିର ଅନୀଲ ବେହେରା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଅନୀଲ ଏକ ବାଇକରେ ଯାଉଥିବା ବେଳେ ଅସାବଧାନତା ବଶତଃ ଆଗରେ ଯାଉଥିବା ଏକ ହାଇୱା ପଛରେ ବାଡେଇ ହୋଇ ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅଗ୍ନିଶମ ବାହିନୀ ଖଜୁରୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖଜୁରୀପଡା ପୁଲିସ ହାଇୱା ଗାଡିକୁ ଜବତ କରି ଥାନାରେ ଅଟକ ରଖିଥିବା ଜଣାପଡିଛି।

## ପରିବେଶ ଆଇନ ସଚେତନତା




ଦିଗପହଣ୍ଡି,୬।୧(ସମିସ): ମଙ୍ଗଳବାର ଦିଗପହଣ୍ଡି ବିଜୁ ପଟ୍ଟନାୟକ ମହିଳା ସ୍ନାତକ ମହାବିଦ୍ୟାଳୟରେ ପରିବେଶ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି କୋର୍ଟ ଟିଏଲଏସସି ପକ୍ଷରୁ ପରିବେଶ ଆଇନ ସମ୍ପର୍କରେ ସଚେତନତା ସଭାରେ ଦିଗପହଣ୍ଡି କୋର୍ଟର ବରିଷ୍ଠ ଦେୱାନି ବିଚାରପତି ମହାଶ୍ୱେତା ପରିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଓକିଲ ସଂଘ ଉପସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ନାୟକ, ପୂର୍ବତନ ସମ୍ପାଦକ କୁରେଶୁ ପଣ୍ଡା, ବିଚାର ବିଭାଗୀୟ କର୍ମଚାରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ଆଇନଜୀବୀ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଛାତ୍ରୀ ମାନଙ୍କୁ ସଚେତନ କରାଯିବା ସହ ବିପଦମୁକ୍ତ ଭବିଷ୍ୟତ ଗଠନରେ ନାଗରିକଙ୍କ ଭୂମିକା ଉପରେ ମଧ୍ୟ ସଚେତନତା କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟାପିକା ଡ଼ଃ.ସୁଜାତା ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରିଚାଳନାରେ କୋର୍ଟ କର୍ମଚାରୀ ତଥା ଟିଏଲସିସି ସମ୍ପାଦକ ପ୍ରଦୀପ କୁମାର ପୁରୋହିତ, ସଂଗ୍ରାମ କେଶରୀ ପଣ୍ଡା, ନିରଞ୍ଜନ ଶବରଙ୍କ ସମେତ ମହାବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ବିଡିଓଙ୍କୁ ଗାଁ ସାଥୀଙ୍କ ସ୍ମାରକପତ୍ର



ପାରଳାଖେମୁଣ୍ଡି,୬।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗାଁସାଥୀ ଆଜି ୯ ଦଫା ଦାବି ପୂରଣକୁ ନେଇ ଏକ ସ୍ମାରକପତ୍ର ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ମୁଖ୍ୟ କରି ଭୁଷୁଗୁଡି ପଞ୍ଚାୟତରେ କାର୍ଯ୍ୟରତ ଗାଁସାଥୀଙ୍କ ପ୍ରତି ହୋଇଥିବା ପଞ୍ଚାୟତ ପ୍ରଶାସନଙ୍କ ଅବିଚାର, ଭୁଷୁକୁଡି ଗ୍ରାମର ଗାଁସାଥୀ ଭାବରେ କାର୍ଯ୍ୟରତ କାଲାପାଟା ଲିଙ୍ଗାରାଜୁ, ବୁରୁଲୁ ସାଞ୍ଜିବ ରାଓ ଓ ସରିଲା ମୋହନ ରାଓଙ୍କୁ ୱାର୍ଡ ମେମ୍ବର ଓ ଗ୍ରାମ ବାସୀଙ୍କ ସହମତି କ୍ରମେ ସରପଞ୍ଚଙ୍କ ସୁପାରିସ ଥାଇ ଚୟନ କରାଯାଇଥିଲେ ମଧ୍ୟ ପଞ୍ଚାୟତ ପ୍ରଶାସନ ପକ୍ଷରୁ ବର୍ତ୍ତମାନ କୌଣସି ମନ୍ଦ ଉଦେଶ୍ୟ ରଖି ନଭେମ୍ବର ମାସର ୧୪ ତାରିଖ ଠାରୁ ମନରେଗା କାର୍ଯ୍ୟରେ ଶ୍ରମିକଙ୍କୁ ନିୟୋଜିତ କରିବାରେ ବଂଚିତ ରଖିବା ସହ ଅନ୍ୟାନ୍ୟ କେତେକ ଦାବି ଉଲ୍ଲେଖ ରହିଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ବହୁ ସଂଖ୍ୟକ ଗାଁସାଥୀ ଉପସ୍ଥିତ ଥିବା ବେଳେ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ଏହାକୁ ଗ୍ରହଣ କରି ଦାବି ଗୁଡିକ ପ୍ରତି ଆଲୋଚା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଜି.ଉଦୟଗିରିରେ ଦିନକରେ ତାପମାତ୍ରା କମିଲା ତିନି ଡିଗ୍ରୀ

ଜି.ଉଦୟଗିରି,୬।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଜାରି ରହିଛି ଶୀତ ଲହରୀ। ସପ୍ତାହ ହେଲା ପାରଦ ଉପର ମୁହାଁ ଥିବା ବେଳେ ଆଜି ତଳ ମୁହାଁ ହୋଇଛି। ଜି.ଉଦୟଗିରିରେ ଆଜି ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ରହିଥିବା ରେକର୍ଡ ହୋଇଛି। ଏକ ସପ୍ତାହ ହେଲା ୧୦ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ଆଜି ୬.୮ ଡିଗ୍ରୀ ରହିଛି। ସୋମବାରଦିନସର୍ବନିମ୍ନତାପମାତ୍ରା ୯.୮ ଥିବାବେଳେଆଜିତିନିଡିଗ୍ରୀକମିଛି।ଫଳରେ ଅସହ୍ୟ ଶୀତ ରେ କଲବଲ ହେଉଛନ୍ତି ଲୋକେ । ନିଆଁ ହିଁ ଏକ ମାତ୍ର ସାହାରା ପାଲଟିଛି।

## ୮ ବାଲି ଗାଡ଼ିରୁ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ



ଫିରିଙ୍ଗିଆ/ଫୁଲବାଣୀ ,୬।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ, ଫୁଲବାଣୀ, ଖଜୁରୀପଡା ସହ ବିଭିନ୍ନ ବ୍ଲକରେ ବାଲି ଘାଟ ନ ଥିବାରୁ ସାଧାରଣ ଭାବରେ ଆବାସ ଗୃହ ହେଉ କି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରଶାସନିକ ଅବହେଳା ପାଇଁ ବାଲିଘାଟ ଟେଣ୍ଡର ହୋଇପାରୁନଥିବା ବେଳେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଟ୍ରାକ୍ଟର ମାଲିକ ଅଞ୍ଚଳରେ ଥିବା ବିଭିନ୍ନ ନାଳ ସହ ଛୋଟବଡ଼ ନଦୀ ପଠାରୁ ବାଲି ନେଉଥିବା ଦେଖିବାକୁ ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଖଣି ବିଭାଗ ପକ୍ଷରୁ ବାଲି ଟ୍ରାକ୍ଟର ଉପରେ ଅତର୍କିତ ଚଢ଼ଉ କରି ଜୋରିମାନା ଆଦାୟ କରି ମାଲିକ ମାନଙ୍କ ଉପରେ ଦାଉ ସାଧୁଛି। ଏହି ପରିପେକ୍ଷୀରେ ସୋମବାର ଫୁଲବାଣୀ ଖଣି ବିଭାଗର ଏକ ଟିମ ଏକାଥରେ ୮ଟି ବାଲି ଗାଡି ଜବତ କରିବା ସହ ସେହି ଗାଡି ଠାରୁ ପ୍ରାୟ ୪ଲକ୍ଷରୁ ଅଧିକ ଟଙ୍କା ଜୋରିମାନା ଆଦାୟ କରିଛି। ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସୂଚନା ଅନୁସାରେ ଖଣି ବିଭାଗର କନିଷ୍ଠ ଖଣି ଅଧିକାରୀ ଡୋଳାମଣି ସେଠ ଓ ପ୍ରଭାତ କୁମାର ବେହେରାଙ୍କ ସହ ଏକ ସ୍ୱତନ୍ତ୍ର ଟିମ ଫୁଲବାଣୀ ସଦର ଥାନା ପୁଲିସର ସହାୟତାରେ ତୁଡ଼ିପାଜୁ ପଞ୍ଚାୟତର ତେରାଗୁଡା ଗାଁ ନିକଟରେ ଥିବା ସାଲୁଙ୍କି ନଦୀ ପଠାରୁ ବାଲି ଚୋରା ଚାଲାଣ ଚାଲିଥିବା ବେଳେ ଆଠ ବାଲିଗାଡିକୁ ଜବତ କରିଥିଲା। ଜବତ ସମସ୍ତ ଟ୍ରାକ୍ଟରକୁ ଫୁଲବାଣୀ ସଦର ଥାନାରେ ରଖାଯାଇଥିବା ସୂଚନା ମିଳିଛି । ଜିଲ୍ଲାରେ ବାଲି ଅଭାବ ବିଷୟରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣଙ୍କୁ ପଚାରିବାରୁ ଜିଲ୍ଲାରେ କିଭଳି ଭାବରେ ବାଲିର ଅଭାବ ହେବନାହିଁ ଓ କିଭଳି ଭାବରେ ବାଲି ଘାଟ ନିଲାମ ହୋଇପାରିବ ସେ ବିଷୟରେ ଚେଷ୍ଟା କରାଯାଉଛି । ଖୁବ କମ ଦିନ ଭିତରେ ଜିଲ୍ଲାରେ ବାଲି ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ।

## ସାଇବର ଠକେଇ ଅଭିଯୋଗ; ଜେଲ୍ ଗଲେ ଦୁଇ ଅଭିଯୁକ୍ତ



ଦିଗପହଣ୍ଡି,୬।୧(ସମିସ): ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ଇଲାକାରେ ବିଭିନ୍ନ ଲୋକଙ୍କ ଠାରୁ ସାଇବର ଠକେଇ କରି ବିଭିନ୍ନ ଉପାୟରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ମଙ୍ଗଳବାର ପୁଲିସ ୨ଜଣଙ୍କୁ ଗିରଫ କରି ଦିଗପହଣ୍ଡି କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ଦିଗପହଣ୍ଡି ଥାନା ଧେରେଣ୍ଡୀ ଗ୍ରାମର ମନୋଜ ଗୌଡ଼ (୨୫) ଏବଂ ଜଳମେରିପଲ୍ଲୀ ଗ୍ରାମର ସନ୍ତୋଷ ପ୍ରଧାନ (୨୮) । ସେମାନଙ୍କ ଠାରୁ ୨ଟି ମୋବାଇଲ ଫୋନ, ନଗଦ ୧୪ହଜାର ୫ଶହ ଟଙ୍କା ଜବତ ହୋଇଥିବା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି। ଥାନା ମାମଲା ନଂ.୪/୨୫ରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ କେ. ନୂଆଗାଁ ଥାନା ଝଗଡ଼ା ଗ୍ରାମର ଶଙ୍କର ରାଉଳଙ୍କ ଠାରୁ ଗତ ରବିବାର ଚିକିଟି ଧାନଘର ଛକଠାରେ ଅଭିଯୁକ୍ତ ଡେଲିଭର ଏଜେଣ୍ଟ ପରିଚୟ ଦେଇ ମୋବାଇଲ ଫୋନ୍ ଜରିଆରେ ଓଟିପି ହାସଲ କରିଥିଲେ। ଉକ୍ତ ଓଟିପି ବ୍ୟବହାର କରି ମାଇଁ ଜିଓ ଆପ୍‌ରେ ସେମାନେ ଲିଙ୍କ କରିଥିଲେ। ପରେ ଠକେଇ ନେଇ ଜାଣିବା ପରେ ଶଙ୍କର କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏନେଇ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଆଇଆଇସି କିଶୋର କୁମାର ସାମଲ, ଚିକିଟି ଫାଣ୍ଡି ଅଧିକାରୀ ଏସ୍‌ଆଇ ଗୌତମ ସାହୁ ତଦନ୍ତ କରିଥିଲେ। ସେହିଦିନ ଠାରୁ ପୁଲିସ ଫୋନ ଟ୍ରାକିଂ ମାଧ୍ୟମରେ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡିଲା ଯେ ପିତାତଳି ଗ୍ରାମର ଡି. ଦିଲ୍ଲୀରାଓ, ରାଙ୍ଗା ରାଓ , ପି. ଦିନେଶ ମଧ୍ୟ ଏଭଳି ଠକେଇର ଶିକାର ହୋଇଥିଲେ। ପୁଲିସ ଅଭିଯୁକ୍ତ ଦ୍ୱୟଙ୍କ ଫୋନ ଲୋକେସନ ଟ୍ରାକ କରି ସେମାନଙ୍କ ଘରେ ଚଢ଼ଉ କରି ଉଭୟଙ୍କୁ ଗିରଫ କରିଥିଲେ। ଜେରା ସମୟରେ ବିଭିନ୍ନ ଫୋନ୍ ପେ' ଓଟିପି ମାଧ୍ୟମରେ ଉଭୟ ଟଙ୍କା ଟ୍ରାଞ୍ଜାକ୍ସନ କରାଯାଇଥିବା ମୋବାଇଲ ଫୋନ୍ ସ୍କ୍ରିନ ସଟ୍ ଜବତ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ସାଇବର ଠକେଇ ଏବଂ ମୋବାଇଲ ଫୋନ ସିମ୍ କାର୍ଡ ଡିଜିଟାଲ ପ୍ରମାଣ ପତ୍ର କାରବାରରେ ସଂପୃକ୍ତ ଥିବା ଆଇଆଇସି କହିଛନ୍ତି।

## ସୌଖିନ କଳାକାର ସଂଘର ଆଲୋଚନାଚକ୍ର

ବ୍ରହ୍ମପୁର,୬।୧(ସମିସ): ଇଞ୍ଜିନିୟରିଂ ସ୍କୁଲ ଛକ ସ୍ଥିତ ରାଜସ୍ୱ ଡ଼ାକବଙ୍ଗଳାରେ ଆଶିଷ ଅଂଶୁମାନ ସୌଖିନ କଳାକାର ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ନାଟ୍ୟ ଆଲୋଚନାଚକ୍ରରେ ଅନୁଷ୍ଠିତ ହୋଇଥିଲା। ମଞ୍ଚର ରାଜଗୋପାଳ ପାଢ଼ୀଙ୍କ ପୌରହିତ୍ୟରେ ଆଲୋଚନା ଚକ୍ରରେ ମଞ୍ଚ ନାଟକ ସହିତ ଜଡିତ ବହୁ ନାଟ୍ୟକାର, ନିର୍ଦ୍ଦେଶକ, ନାଟ୍ୟସଂଗଠକ, କଳାକାର ବ୍ରହ୍ମପୁରରେ ଏକ ସମସ୍ତ ବ୍ୟବସ୍ଥା ଥିବା ମଞ୍ଚ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମିଳିତ ସ୍ୱର ଉଠାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭରତପତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଗିରିଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ଇଂ.ଯାମିନି କାନ୍ତ ଦାସ, ସମ୍ମାନୀତ ଅତିଥି ଭାବେ ଓଡିଶା ନାଟ୍ୟ ସଂଘର ଦକ୍ଷିଣାଞ୍ଚଳ ଉପସଭାପତି ଭବାନୀ ଶଙ୍କର ମିଶ୍ର, ଦଣ୍ଡନାଚ ମହାସଂଘ ସଭାପତି ବ୍ରଜସୁନ୍ଦର ମଳିକ, ବ୍ରହ୍ମପୁର କଳାକାର ଏକତା ମଞ୍ଚର ସଭାପତି ଅନିଲ ପାତ୍ର ଓ ଆୟୋଜକ ସଂଘର ଉପଦେଷ୍ଟା କେ. କୃଷ୍ଣମୂର୍ତ୍ତି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଆଲୋଚନା ଚକ୍ରକୁ ନାଟ୍ୟକାର ବିପିନ ମହାପାତ୍ର ସଂଯୋଜନା କରିଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଂଗତ ଆଶିଷ ଅଂଶୁମାନ ଏବଂ ଅପେରା ଖଳନାୟକ ଜ୍ଞାନରଞ୍ଜନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରି ଶୋକ ବ୍ୟକ୍ତ କରାଯାଇଥିଲା। ବ୍ରହ୍ମପୁର ହେଉଛି ଗଞ୍ଜାମ ଜିଲ୍ଲା ମଞ୍ଚ ନାଟକର ଏକୁଡ଼ିଶାଳ, କିନ୍ତୁ କଳାକାରଙ୍କ କଳା ପ୍ରଦର୍ଶନ ପାଇଁ ଉପଯୁକ୍ତ ମଞ୍ଚଟିଏ ନଥିବା ଯୋଗୁଁ ବ୍ରହ୍ମପୁର ସହରର ଅନେକ କଳାକାର ମଙ୍ଗଳବାର କ୍ଷୋଭ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ନାଟ୍ୟକାର ସୁବାସ ମହାରଣା ଓ ଅଭିନେତା ସନ୍ଦୀପ ପଟ୍ଟନାୟକଙ୍କୁ "ଆଶିଷ ଅଂଶୁମାନ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଶେଷରେ କୈଳାଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଷ୍ଟ ଅଫିସ ଉଚ୍ଛେଦ ପ୍ରତିବାଦରେ ଧାରଣା



ରମ୍ଭା,୬।୧(ସମିସ): ରମ୍ଭା ସହର ନିକଟସ୍ଥ ମିଞ୍ଜିନିପାଟଣାରେ ରାଜରାଜୁଆନା ଅମଳରୁ ସବପୋଷ୍ଟ ଅଫିସ ଉଚ୍ଛେଦ କରିବା ଲାଗି ନୋଟିସ ଜାରି ହୋଇଛି। ଡବଲ ଇଞ୍ଜିନ ସରକାରଙ୍କ ଉଦାସୀନତା ଅଦୂରଦର୍ଶିତା ଦୂରଦୃଷ୍ଟି ଅଭାବ ଯୋଗୁଁ ନିକଟ ଅତୀତରେ ଉପରୋକ୍ତ ପୋଷ୍ଟ ଅଫିସ ଉପରେ ନିର୍ଭରଶୀଳ ବ୍ୟକ୍ତି ବିଶେଷ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାପଡିଛି। ଉକ୍ତ ସମସ୍ୟା ଉପରେ ବିଭାଗୀୟ ଦପ୍ତରର ଉଚ୍ଚ ପଦ ପଦବୀଧାରୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ଯାବତ କୌଣସି ସ୍ୱଷ୍ଟ ଚିତ୍ର ଦୃଷ୍ଟି ଗୋଚର କରାଯାଇନାହିଁ। ଆଗାମୀ ଦିନରେ ଏହା ଯଦି ଚାଲୁରହେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରିବାକୁ ପଛାଇବେ ନାହିଁ ବୋଲି ଚରମବାଣୀ ଶୁଣାଇଛନ୍ତି। ତତ ସହିତ ପ୍ରାୟ ଲୋକମାନେ ଚାଷୀ, ମୁଲିଆ ଏବଂ ପେନସନଧାରୀ ହୋଇଥିବାରୁ ନିଜ ନିଜର ଟଙ୍କା ସଞ୍ଚୟ, ଟଙ୍କା ଉଠାଣ, ମନି ଅର୍ଡର ଓ ପାର୍ସଲ ସୁବିଧା ପାଇପାରୁଥିଲେ। ଆସନ୍ତା ୨୦ ତାରିଖରେ ଅଫିସ ବନ୍ଦ ହୋଇଯିବ ବୋଲି କାନ୍ଥରେ ନୋଟିସ ଲାଗିଗଲାଣି। ଗତ ୩୦ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଲିଖିତ ଭାବେ ଦାବିପତ୍ର ଦେଇ ଅନୁରୋଧ କରିଥିଲେ ଅଞ୍ଚଳବାସୀ। ତତ ସଙ୍ଗେ ସଙ୍ଗେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଭୁବନେଶ୍ୱର ପୋଷ୍ଟାଲ ସୁପରିଟେଣ୍ଟଙ୍କୁ ଦାବିପତ୍ର ଦେଇ ଅବଗତ କରାଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଅଞ୍ଚଳବାସୀ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟକମିଟି ସଭାପତି ଆର. ସୋମନାଥ ରେଡ୍ଡୀ, ଜେ. ଭାସ୍କର ପାତ୍ର, ଇନ୍ଦ୍ର ଜେନା, ରବୀନ୍ଦ୍ର ଗୌଡ଼, ଗୋବିନ୍ଦ ପାତ୍ର, ସି ଲକ୍ଷ୍ମଣ ପାତ୍ର, ଏ. ରଘୁନାଥ ପାତ୍ର, ଭଗବାନ ଦାଶ, ରାଜକିଶୋର ପଟ୍ଟନାୟକ, ଏନ. ପରାତ୍ମା ପାତ୍ର ସହ ଗ୍ରାମର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ।

## ଆଜିଠୁ କଳା ସଂସ୍କୃତିର ମହାପର୍ବ 'କନ୍ଧମାଳ ମହୋତ୍ସବ'

ଫୁଲବାଣୀ,୬।୧(ସମିସ): ବୁଧବାର ଠାରୁ ଆରମ୍ଭ ହେଉଛି କନ୍ଧମାଳ ମହୋତ୍ସବ। ଜିଲ୍ଲାର ଲୋକକଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ଏହି ଜିଲ୍ଲା ଉତ୍ସବ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମରେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଇତି ମଧ୍ୟରେ ମହୋତ୍ସବର ମାସ୍କଟ ଓ ମଶାଲ ଜିଲ୍ଲା ପରିକ୍ରମା କରି ବୁଧବାର ଫୁଲବାଣୀରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ବୁଧବାର ସ୍ଥାନୀୟ ନାରାୟଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି କନ୍ଧମାଳ ଷ୍ଟାଡିୟମରେ ପହଞ୍ଚିବା ପରେ ସେଠାରେ ମଶାଲ ସ୍ଥାପନ କରାଯିବ। ସଂଧ୍ୟାରେ ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୂଖ୍ୟଅତିଥି ଭାବେ ଯୋଗ ଦେଉଥିବା ବେଳେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ଜିଲାର ତିନି ବିଧାୟକ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହିବେ। ପ୍ରଥମ ଦିନରେ ବିଭିନ୍ନ ସ୍ଥାନୀୟ କଳାକାର ମାନଙ୍କ କାର୍ଯ୍ୟକ୍ରମ ସହିତ ପ୍ରସିଦ୍ଧ ଷ୍ଟାଣ୍ଡ ଅପ କମେଡିଆନ ପପୁ ପମପମଙ୍କ କାର୍ଯ୍ୟକ୍ରମ ରହିଛି। ଅନ୍ୟ ଦିନ ମାନଙ୍କରେ ପ୍ରସିଦ୍ଧ ଗାୟିକା ଇରା ମହାନ୍ତି, ନିକିତା ଗାନ୍ଧୀ, ଗାୟକ ମଣ୍ଟୁ ଛୁରିଆ, ଇଣ୍ଡିଆନ ଆଇଡଲ ଫେମ ମହମ୍ମଦ ଦାନିଶଙ୍କ ମନଲୋଭା କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବ ସହିତ ଏକକାଳୀନ ପଲ୍ଲିଶ୍ରୀ ମେଳା ଏବଂ ମତ୍ସ୍ୟ, ପ୍ରାଣୀ ଓ ପଶୁ ସମ୍ପଦ ମେଳା ମଧ୍ୟ ଆୟୋଜିତ ହେଉଛି।

## ପିଏମ୍ ଶ୍ରୀ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ସାଇକଲ ସେଡ୍ ଉଦଘାଟିତ

ପାରଳାଖେମୁଣ୍ଡି,୬।୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଥିବା ପିଏମ୍ ଶ୍ରୀ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳ ପରିସରରେ ଆଜି ନୂତନ ସାଇକଲ ସେଡ୍‌ର ଉଦଘାଟନ ହୋଇଛି। ସୀମାଦ୍ରୀ ମିଶ୍ର ଚାରିଟେବୁଲ୍ ଟ୍ରଷ୍ଟର ଟ୍ରଷ୍ଟି ପ୍ରିୟା ମହାପାତ୍ର ନିଜ ମା ଉଷାରାଣୀ ମିଶ୍ରଙ୍କ ସ୍ମୃତିରେ ଏହି ସାଇକଲ ସେଡ୍ ନିର୍ମାଣ କରାଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ପ୍ରିୟା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତା କାଟି ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ସଭା ହୋଇଥିଲା । ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କିରଣ ସାଲ୍ଲା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ପ୍ରିୟା ମହାପାତ୍ର ନିଜ ଅଭିଭାଷଣରେ ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ସୀମାଦ୍ରୀ ମିଶ୍ର ଚାରିଟେବୁଲ୍ ଟ୍ରଷ୍ଟ କିପରି ସମାଜସେବାରେ କାର୍ଯ୍ୟରତ ତାହା ବର୍ଣ୍ଣନା କରିଥିଲେ ।

## କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୬।୧(ସମିସ): ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳାଆଜି ଗଜପତି ଷ୍ଟାଡିୟମ୍‌ରେ ଉଦଘାଟିତ ହୋଇଛି। ଏହି ମେଳା ଆଜି ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଚାଲିବ। ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ହୋଇଥିବାରୁ ଚାଷୀଭାଇ ଖୁସି ବ୍ୟକ୍ତ କରିଛନ୍ତି । ଏହି ମେଳାରେ ପାଞ୍ଚ ଜିଲ୍ଲା ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଚାଷୀ ଯୋଗଦାନ କରିଛନ୍ତି । ଏହା ସହିତ ଏହି ଜିଲ୍ଲାର କୃଷି ଯନ୍ତ୍ରପାତି ବିତରକ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି । ଏହି ମେଳାରେ ୧୧୦ ଷ୍ଟଲ୍ ରହିଛି । ଷ୍ଟଲ୍ ଗୁଡିକରେ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ କରିବା ସହିତ ସରକାରଙ୍କ ରିହାତି ଦରରେ ବିକ୍ରୟ ଏବଂ କିଣାବିକାର ବ୍ୟବସ୍ଥା ରହିଛି। ଆଜିର ପ୍ରଥମ ଦିନ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୁପେଶ କୁମାର ପାଣିଗ୍ରାହୀ , ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ବୀରରାଜୁ, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟାମ୍ମା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ, ରାୟଗଡ଼ା ଜିଲ୍ଲାର କୃଷି ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର, କୃଷି ଜିଲ୍ଲା ଅଧିକାରୀ ଆର.ଉଦୟଗିରି ବିରଞ୍ଚି ନାରାୟଣ ମଙ୍ଗରାଜ ମଞ୍ଚାସୀନ ଥିଲେ । ଚାଷୀଙ୍କୁ ପ୍ରଶିକ୍ଷଣ ଦେବାପାଇଁ ରାଜ୍ୟ ସ୍ତରୀୟ କୃଷି ବୈଜ୍ଞାନିକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱିଦ୍ୟାଳୟର ବୈଜ୍ଞାନିକ ଓ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଯୋଗ ଦେଇଛନ୍ତି। ଚାଷୀ ଭାଇ ଭଉଣୀ ମାନଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବା ପାଇଁ ଅବଗତ କରାଯାଇଥିଲା । ସେହିପରି କୃଷକମାନଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ସଂପର୍କରେ ଜଣାଇବା ସହ ସହଜରେ ଉପଲବ୍ଧ କରାଇବା ନେଇ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ବୈଷୟିକ ଜ୍ଞାନ ଓ ଜୈବିକ ସାର ବ୍ୟବହାର କରିବା ସାଙ୍ଗକୁ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ସଂପର୍କରେ ଚାଷୀ ମାନଙ୍କୁ ସଚେତନତା କରାଯାଇଥିଲା। ଜିଲ୍ଲା କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ସହକାରୀ ଜିଲ୍ଲା କୃଷି ଅଧିକାରୀ କେ.ସୁରଜ କୁମାର ପାତ୍ରଙ୍କ ସମେତ ସମସ୍ତ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ।



## ଜିଲ୍ଲାସ୍ତରୀୟ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ବୋରି ଉଦ୍‌ଘାଟିତ



ଦିଗପହଣ୍ଡି,୬।୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ସର ୩୧ ତମ ଗଞ୍ଜାମ ଜିଲ୍ଲାସ୍ତରୀୟ କ୍ୟାମ୍ବୋରି 'ବସୁନ୍ଧରା' ଉଦଘାଟିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଦିଗପହଣ୍ଡି ବ୍ଲକର ପଦ୍ମନାଭପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆବାସିକ ବିଦ୍ୟାଳୟ "ଶ୍ରୀଧାମ' ପରିସରରେ ଆୟୋଜିତ ଏହି କ୍ୟାମ୍ବୋରିକୁ ଭାରତ ସ୍କାଉଟ ଓ ଗାଇଡ୍ସର ଜାତୀୟ ଉପସଭାପତି ଡ଼ଃ. କାଳୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋମବାର ଦିନ ଏହାକୁ ଉଦଘାଟନ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ବସନ୍ତ କୁମାର ପଣ୍ଡା, କେଲୁଆପଲି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପାତ୍ର, ଦିଗପହଣ୍ଡି ବ୍ଲକ୍ ଶିକ୍ଷା ଅଧିକାରୀ ଡ଼ଃ. ଶଙ୍କର ନାରାୟଣ ବେଜ, ପୂର୍ବତନ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବିଷୋୟୀ, ଆବାସିକ ବିଦ୍ୟାଳୟ "ଶ୍ରୀଧାମ' ପ୍ରଧାନ ଆଚାର୍ଯ୍ୟ ଡ଼ଃ. କୃଷ୍ଣଚନ୍ଦ୍ର ଶାସ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ଦ୍ୱିତୀୟ ଦିବସରେ ଶାରୀରିକ ବ୍ୟାୟାମ, ବ୍ୟାଣ୍ଡ ବାଦନ, ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ପୂର୍ବାହ୍ନର ବିଭିନ୍ନ କାର୍ଯ୍ୟକ୍ରମକୁ ରାମହରି ସାହୁ, ଏମ୍.ଶୁକ୍ଳ ରେଡ୍ଡୀ, ସୁଚିତ୍ରା ପ୍ରଧାନ, ଲବ ପାଣିଗ୍ରାହୀ, ବିକ୍ରମ ମହାରଣା ପ୍ରମୁଖ ପରିଚାଳନା କରିଥିବା ବେଳେ ଅପରାହ୍ନରେ ଖୋଲା ଯାଇଥିବା ଫୁଡ୍ ପ୍ଲାଜା ଓ ଗ୍ରାମ୍ୟ ମେଳାକୁ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ଉଦଘାଟନ କରି ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଭିଷ୍ଣଗିରି ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ, ଶ୍ରୀଧାମର ଏନସିସି ଅଫିସର ବିନୋଦ କୁମାର ନାୟକ, ପଦ୍ମନାଭପୁର ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ ଲତା ମହାରଣା, ରାଧା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ କବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



www.sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୦୦ ● ପାଉଣ୍ଡ ୧୨୨.୨୬
- ୟୁରୋ ୧୦୫.୮୫ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୨୫୦ (ନୂଆଦିଲ୍ଲୀ)
- ରୁପା : ୨,୫୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୦୬୩.୦୦
- ନିଫ୍ଟି ୨୬,୧୭୫.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ୫୦ ଡଲାରକୁ ଖସିବ ଅଶୋଧିତ ତୈଳ

### ଏସ୍‌ବିଆଇ ରିପୋର୍ଟ

### ଭାରତରେ ପେଟ୍ରୋଲ ଏବଂ ଡିଜେଲ ଶସ୍ତା ହୋଇପାରେ

### ଖାଉଟିଙ୍କୁ ମିଳିବ ଆଶ୍ୱସ୍ତି !



ନୂଆଦିଲ୍ଲୀ,୬ା୧(ଏଜେନ୍ସି): ଆଗାମୀ ମାସଗୁଡ଼ିକରେ ଦେଶରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ହ୍ରାସ ସମ୍ଭାବନା ରହିଛି। ୨୦୨୬ ଜୁନ୍ ସୁଦ୍ଧା ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୫୦ ଡଲାରକୁ ଖସିଆସିପାରେ। ଏହି ହ୍ରାସର ମୁଖ୍ୟ କାରଣ ହେଉଛି ତେଲ ଷ୍ଟୋରେଜ୍‌ରେ ବୃଦ୍ଧି, ଯାହା ମୂଲ୍ୟ ଉପରେ ଚାପ ପକାଇବ ବୋଲି ଆଶଙ୍କା କରାଯାଉଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ଚଳିତବର୍ଷ ଜୁନ୍ ସୁଦ୍ଧା ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ୍ ୫୦ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଏସ୍‌ବିଆଇ ଜୋର ଦେଇଛି ଯେ ବର୍ଦ୍ଧିତ ଷ୍ଟୋରେଜ୍ ଏବଂ ଦୁର୍ବଳ ବିଶ୍ୱ ଟ୍ରେଣ୍ଡ ମଧ୍ୟରେ ୨୦୨୬ରେ ଅଶୋଧିତ ତୈଳ ମୂଲ୍ୟର ସାମଗ୍ରିକ ସମ୍ଭାବନା ବର୍ତ୍ତମାନର ସ୍ତରଠାରୁ ଆହୁରି ଦୁର୍ବଳ ହେଉଛି। ଏଥିରେ କୁହାଯାଇଛି ଯେ ଆମେରିକାର ଶକ୍ତି ସୂଚନା ପ୍ରଶାସନ ଆକଳନ କରିଛି ଯେ ୨୦୨୬ର ପ୍ରଥମ ତ୍ରୈମାସିକରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୫୫ ଆମେରିକୀୟ ଡଲାରକୁ ହ୍ରାସ ପାଇପାରେ।

ଭାରତୀୟ ଅଶୋଧିତ ତୈଳ ମୂଲ୍ୟ ମଧ୍ୟ କମ୍ ହୋଇପାରେ। ବିଶ୍ୱବ୍ୟାପୀ ଏବଂ ଘରୋଇ ଅଶୋଧିତ ତୈଳ ମୂଲ୍ୟ ମଧ୍ୟରେ ଦୃଢ଼ ସମ୍ପର୍କକୁ ଦୃଷ୍ଟିରେ ରଖି, ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ସମାନ ଭାବରେ କମ୍ ହେବା ଆଶା କରାଯାଉଛି। ଫଳସ୍ୱରୂପ, ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟରେ ଉତ୍ଥାନ-ପତନ ସୂଚାଉଛି ଯେ ଆଗାମୀ ମାସଗୁଡ଼ିକରେ ଭାରତୀୟ ତୈଳ ମହଜୁଦ କ୍ଷମତା ଆହୁରି ଦୁର୍ବଳ ହେବ। ମୁଡିଂ ଆଭରେଜ ବିଶ୍ଳେଷଣ ଅନୁସାରେ, ଭାରତୀୟ ଅଶୋଧିତ ତୈଳ ମୂଲ୍ୟ ବର୍ତ୍ତମାନ ପ୍ରତି ବ୍ୟାରେଲ ୬୨.୨୦ ଆମେରିକୀୟ ଡଲାର ରହିଛି। ରିପୋର୍ଟରେ କୁହାଯାଇଛି ଯେ ଅଶୋଧିତ ତୈଳ ମୂଲ୍ୟରେ ସମ୍ଭାବ୍ୟ ହ୍ରାସ ଭାରତର ମୁଦ୍ରାସ୍ଫୀତି ହାର ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ। ଆକଳନ କରାଯାଉଛି ଯେ ଚଳିତବର୍ଷ ଜୁନ୍ ବେଳକୁ ଭାରତୀୟ ଅଶୋଧିତ ତୈଳ ବାସ୍କେଟର ମୂଲ୍ୟ ପ୍ରତି ବ୍ୟାରେଲ ୫୩.୩୧ ଡଲାରକୁ ହ୍ରାସ ପାଇପାରେ। ଏହି ହ୍ରାସ ସିଧାସଳଖ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟରେ ପ୍ରତିଫଳିତ ହୋଇପାରେ। ରିପୋର୍ଟରେ ଆକଳନ କରାଯାଇଛି ଯେ ଆର୍ଥିକବର୍ଷ ୨୦୨୬ର ଚତୁର୍ଥ ତ୍ରୈମାସିକରେ ଭାରତୀୟ ଅଶୋଧିତ ତୈଳ ବାସ୍କେଟରେ ୧୪% ହ୍ରାସ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ପ୍ରଭାବ ପକାଇବ ଏବଂ ସିପିଆଇ ବାସ୍କେଟ ଉପରେ ପ୍ରାୟ ୨୨ ବେସିସ୍ ପଏଣ୍ଟର ନକାରାତ୍ମକ ଚାପ ସୃଷ୍ଟି କରିପାରେ। ରିପୋର୍ଟ ଅନୁଯାୟୀ, ଏହି ପରିସ୍ଥିତି ଭାରତରେ କେବଳ ଇନ୍ଧନ ମୂଲ୍ୟକୁ ଆଶ୍ୱସ୍ତି ପ୍ରଦାନ କରିବ ନାହିଁ ବରଂ ସାମଗ୍ରିକ ମୁଦ୍ରାସ୍ଫୀତି ମୋର୍ଚ୍ଚାରେ ଅର୍ଥନୀତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ପ୍ରଦାନ କରିବ।

# ପିଭିସି ଆଧାର କାର୍ଡ ଫି’ ବଢ଼ାଇଲା ୟୁଆଇଡିଏଆଇ

### ୫୦ ଟଙ୍କା ବଦଳରେ ଦେବାକୁ ହେବ ୭୫ ଟଙ୍କା

ନୂଆଦିଲ୍ଲୀ,୬ା୧(ଏଜେନ୍ସି): ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ପିଭିସି ଆଧାର କାର୍ଡ ଫି’ ବା ଶୁଳ୍କ ବୃଦ୍ଧି କରିଛି। ଏଣିକି ଆଧାର ପିଭିସି କାର୍ଡ ପାଇଁ ୫୦ ଟଙ୍କା ବଦଳରେ ୭୫ ଟଙ୍କା ଦେବାକୁ ହେବ। ନୂଆ ଦର ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଆଧାର ପିଭିସି କାର୍ଡ ହେଉଛି ଏକ ପ୍ଲାଷ୍ଟିକ୍ କାର୍ଡ ଯାହା ଉପରେ ଆଧାର କାର୍ଡ ସୂଚନା ମୁଦ୍ରିତ ହୋଇଥାଏ। ମ୍ୟାଟେରିଆଲ, ପ୍ରିଣ୍ଟିଂ ଏବଂ ସୁରକ୍ଷିତ ଡେଲିଭରି ଆଦିର ଖର୍ଚ୍ଚ ବଢ଼ିବା ଯୋଗୁ ଏହି ନିଷ୍ପତ୍ତି ନିଆଯାଇଥିବା ୟୁଆଇଡିଏଆଇ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ, ଆଧାର ପିଭିସି କାର୍ଡ ଏକ ପ୍ରକାରର ପ୍ଲାଷ୍ଟିକ କାର୍ଡ। ଏଥିରେ ଆଧାର କାର୍ଡର ତଥ୍ୟ ପ୍ରିଣ୍ଟ କରାଯାଇଥାଏ। ଏହି କାର୍ଡ ଏଟିଏମ୍ କିମ୍ବା ଡେବିଟ୍ କାର୍ଡ ଭଳି ହୋଇଥାଏ। ଆଧାର ପିଭିସି କାର୍ଡକୁ ପଲିଭିନାଇଲ କ୍ଲୋରାଇଡ (ପିଭିସି)ରେ ତିଆରି କରାଯାଇଥାଏ। ଏଥିପାଇଁ ଏହା ପାଣି ସଂସ୍ପର୍ଶରେ ଆସିଲେ ଖରାପ ହୋଇ ନ ଥାଏ କି’ ହାତରୁ ପଡ଼ିଗଲେ ମଧ୍ୟ କିଛି କ୍ଷତି ହୋଇ ନ ଥାଏ। ଫଳରେ ଏହା ଜଲଦି ଖରାପ



ହୁଏନାହିଁ। ଏଥିରେ ଅନେକ ସୁରକ୍ଷା ବୈଶିଷ୍ଟ୍ୟ ମଧ୍ୟ ରହିଛି। ଯେପରିକି ସୁରକ୍ଷିତ କ୍ୟୁଆର କୋଡ୍, ହୋଲୋଗ୍ରାମ, ଘୋଷ୍ଟ ଇମେଜ ଏବଂ ମାଇକ୍ରୋଟେକ୍ସଟ ।ଉଲ୍ଲେଖଯୋଗ୍ୟ, ଆଧାର କାର୍ଡ ୩ ଫର୍ମାଟରେ ଉପଲବ୍ଧ। ଆଧାର ଲେଟର, ଇ- ଆଧାର ଏବଂ ପିଭିସି କାର୍ଡ। ଅଫଲାଇନ୍‌ରେ ମଧ୍ୟ ଆଧାର କେନ୍ଦ୍ରରୁ ପିଭିସି କାର୍ଡ ତିଆରି କରାଯାଇପାରିବ।

**ଦରକାର ପଡିବେନି ଡ୍ରାଇଭର**

# ଏଆଇ ଚଳାଇବ କାର୍



ନୂଆଦିଲ୍ଲୀ, ୬ା୧(ଏଜେନ୍ସି): ଆଗକୁ ଦରକାର ପଡିବେନି ଡ୍ରାଇଭର। ସ୍ୱୟଂଚାଳିତ ଭାବେ ଆପେ ଆପେ ଚାଲିବ କାର୍। ଜଣେ ମଣିଷ ଯେପରି ଚଳାଏ, ଠିକ୍ ସେହିପରି କାର୍ ଚାଲିବ। ଟେସ୍‌ଲାର ଅଟୋ ପାଇଲଟ୍ କାରଠାରୁ ମଧ୍ୟ ଏଆଇ ଦ୍ୱାରା ଚାଲିବାକୁ ଥିବା କାର୍ ଉନ୍ନତତର ରହିବ। ଏହିପରି ଏକ ସ୍ମାର୍ଟ ଏବଂ ଆଡଭାନ୍ସଡ୍ ଏଆଇ ଟେକ୍ନୋଲୋଜି ବାବଦରେ ଘୋଷଣା କରିଛି ଏନ୍‌ଭିଡିଆ। ଲସ୍ ଭେଗାସଠାରେ ଏକ କାର୍ଯ୍ୟକ୍ରମରେ କମ୍ପାନୀ ଏ ସମ୍ପର୍କରେ ସୂଚନା ଦେଇଛି।

ଏନ୍‌ଭିଡିଆର ଏଆଇ ଟୁଲ୍ ଆଗାମୀ ଦିନରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କାରକୁ ବାସ୍ତବତାର ରୂପ ଦେବ ବୋଲି ଲସ୍ ଭେଗାସର ଏକ କାର୍ଯ୍ୟକ୍ରମରେ କମ୍ପାନୀ କହିଛି। ଏଥିରେ ଏନଭିଡିଆ ନୂଆ ନୂଆ ଉତ୍ପାଦକୁ ସାମ୍ନାକୁ ଆଣୁଛି। ଏହାସହ ଆଲପାମାୟୋ ନାମକ ଏକ ଏଆଇ ଟୁଲକୁ ମଧ୍ୟ ଉନ୍ମୋଚିତ କରାଯାଇଛି। ଏହା କାର୍‌କୁ ସ୍ୱୟଚାଳିତ କରିବା ପାଇଁ ଅନେକ ସାହାଯ୍ୟ କରିବ। ଖାଲି ଏତିକି ନୁହେଁ ଡ୍ରାଇଭର ଭଳି ଛୋଟରୁ ଛୋଟ ଘଟଣା ଉପରେ ନଜର ରଖିବ। ଅଧିକ ଟ୍ରାଫିକ୍‌ରେ ଗାଡି ଯେପରି ଆଉ କାହା ସହ ଧକ୍କା ନ ହୁଏ ଏବଂ ଓଭରଟେକିଂରେ ଯେପରି ଅସୁବିଧା ନ ହୁଏ ତାହାର ସମାଧାନ ଆଲପାମାୟୋ କରିପାରିବ। କମ୍ପାନୀର ସିଇଓ ଜାନସେନ୍ ହୁଆଙ୍ଗ୍ କହିଛନ୍ତି ଯେ, ଆଜି ସେମାନେ ଆଲପାମାୟୋକୁ ଦୁନିଆ ଆଗରେ ରଖୁଛନ୍ତି। ଏହା ବିଶ୍ୱ କାର୍ ଡ୍ରାଇଭିଂରେ ବିପ୍ଳବ ଆଣିବା ପାଇଁ ପ୍ରସ୍ତୁତ ରହିଛି। ଯାହା ସ୍ୱୟଂଚାଳିତ କାରକୁ ନୂଆ ଦିଗ ଦେବ। ଅର୍ଥାତ ଆଗାମୀ ଦିନରେ ମେସିନମାନେ ମଣିଷ ଭଳି ଭାବି ପାରିବେ। ନିଷ୍ପତ୍ତି ନେଇପାରିବେ।

### ଆଲପାମାୟୋ କ’ଣ ?

ଆଲପାମାୟୋ ମଡେଲ୍ ଏବଂ ଟୁଲ୍ସ ଆପେ ଆପେ ଚାଲୁଥିବା ଯାନ ପାଇଁ ସହାୟକ ହେବ। କାରରେ ମଣିଷର ମସ୍ତିଷ୍କ ରହିବା ଭଳି ଏହା କାମ କରିବ। ମଣିଷମାନେ ଯେପରି ଭାବିପାରନ୍ତି ତାହା କାର୍ ମଧ୍ୟ ବିଚାର କରିପାରିବ। ଟ୍ରାଫିକରେ କେତେ ସ୍ପିଡ୍ ରହିବ, କେତେବେଳେ ବ୍ରେକ୍ ଦିଆଯିବ, କେତେ ଦୂରତାରୁ ଓଭରଟେକ୍ ହେବ ତାହା ଆଲପାମାୟୋ ଏଆଇ ଟେକନୋଲୋଜି ସାହାଯ୍ୟରେ ସମ୍ଭବ ହୋଇପାରିବ।

# ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନ; ଭେନେଜୁଏଲାରୁ ଚୀନ୍ ବିଦା

### ବୁଡିଯିବ ୧୦ ବିଲିୟନ୍ ଡଲାର

### ଭାରତ ଅପେକ୍ଷା ୧୦ ଗୁଣା ଫସିଲା ଡ୍ରାଗନ୍

### ଭାରତର ଦେଇଛି ୯୦୦୦ କୋଟି ଋଣ

ନୂଆଦିଲ୍ଲୀ,୬ା୧(ଏଜେନ୍ସି): ଭେନେଜୁଏଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଚୀନ୍ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ଚୀନ ଏବଂ ଭେନେଜୁଏଲା ମଧ୍ୟରେ ତୈଳ ଏବଂ ଆର୍ଥିକ ଚୁକ୍ତି ଏବେ ସମସ୍ୟାରେ ପଡ଼ିଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଗାଦିଚ୍ୟୁତି ହେବା ପରେ ଏହି ସହଭାଗିତାର ଭବିଷ୍ୟତ ଅନିଶ୍ଚିତ। ତେଣୁ କାରାକସ୍‌ରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନ ପରେ ଭେନେଜୁଏଲାରୁ ଚୀନ୍ ବାହାର ହୋଇଯାଇଛି। ଯାହାଫଳରେ ଭେନେଜୁଏଲାରେ ଚୀନ୍‌ର ୧୦ ବିଲିୟନ୍ ଡଲାର ନିବେଶ ଏବେ ସଙ୍କଟରେ। ଭାରତ ଅପେକ୍ଷା ଡ୍ରାଗନ୍ ଭେନେଜୁଏଲାରେ ବର୍ତ୍ତମାନ ପରିସ୍ଥିତିରେ ୧୦ ଗୁଣା ଫସିଥିବା କୁହାଯାଉଛି।

ଆମେରିକା ଭେନେଜୁଏଲା ଉପରେ କଠୋର କଟକଣା ଲଗାଇଛି। ଚୀନ ନୂତନ ଋଣ ପ୍ରଦାନ ମଧ୍ୟ ବନ୍ଦ କରିଦେଇଛି, ଯାହା ଫଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ୨୦୦୦ ଦଶକର ପ୍ରାରମ୍ଭରେ ଚୀନକୁ ଏହାର ବର୍ଦ୍ଧିତ ଅର୍ଥନୀତିକୁ ଇନ୍ଧନ ଯୋଗାଇବା ପାଇଁ ତେଲରେ ଅତ୍ୟନ୍ତ ଆବଶ୍ୟକତା ଥିଲା, ଯେତେବେଳେ ଭେନେଜୁଏଲାକୁ ଟଙ୍କାର ଆବଶ୍ୟକତା ଥିଲା। ସେହି ସମୟରେ ଭେନେଜୁଏଲା ନେତା ହ୍ୟୁଗୋ ଚାଭେଜ୍ ଆମେରିକା ଉପରେ ଏହାର ଆର୍ଥିକ




ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଥିଲେ। ଏହି ସମୟରେ, ଚୀନ୍ ଏବଂ ଭେନେଜୁଏଲା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିଲେ। ଚୀନ ଭେନେଜୁଏଲାକୁ ୧୦୦ ବିଲିୟନ ଡଲାରରୁ ଅଧିକ ଋଣ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲା। ବଦଳରେ, ଭେନେଜୁଏଲା ଚୀନ୍‌କୁ ତେଲ ଯୋଗାଣ ଆରମ୍ଭ କରିଥିଲା। ଚୀନ୍‌ର ଏହି ଟଙ୍କା ବଳରେ ଭେନେଜୁଏଲାରେ ରେଳ ଏବଂ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ହୋଇଥିଲା, ଯାହା ଦେଶକୁ ଅତ୍ୟନ୍ତ ଆବଶ୍ୟକୀୟ ନଗଦ ଯୋଗାଇଥିଲା। ଭେନେଜୁଏଲା ତେଲ ମାଧ୍ୟମରେ ଏହି ଟଙ୍କା ପରିଶୋଧ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଚୁକ୍ତି ଜାରି ରହିଛି। ତଥାପି, ପରିସ୍ଥିତି କଷ୍ଟକର। ଭେନେଜୁଏଲାରେ ବେଜିଂର ଋଣ ପରିଶୋଧ କରିବାକୁ ଚେଷ୍ଟା କରାଯାଇଛି, କିନ୍ତୁ ପ୍ରାୟ ୧୦ ବିଲିୟନ ଡଲାର ବାକି ରହିଛି।

ଭାରତର ମଧ୍ୟ ଭେନେଜୁଏଲାକୁ ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି ଟଙ୍କା) ଋଣ ଅଛି। ଏହା ମୁଖ୍ୟତଃ ଭେନେଜୁଏଲାର ସାନ କ୍ରିଷ୍ଟୋବାଲ୍ ତୈଳ କ୍ଷେତ୍ରରେ ଏହାର ୪୦% ଅଂଶଧନ ସହିତ ଜଡିତ ସାର୍ବଜନୀନ କ୍ଷେତ୍ର କମ୍ପାନୀ ଓଏନ୍‌ଜିସି ବିଦେଶୀ ଲିମିଟେଡ୍ (ଓଭିଏଲ୍)ରୁ ଲାଭାଂଶ। ଏଥିରୁ ୨୦୧୪ ପର୍ଯ୍ୟନ୍ତ ପ୍ରାୟ ୫୩୬ ନିୟୁତ ଡଲାର ବକେୟା ଅଛି, ଯେତେବେଳେ ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ସମାନ ପରିମାଣ ବକେୟା ଅଛି, ଯାହା ଭେନେଜୁଏଲାରେ ଏପର୍ଯ୍ୟନ୍ତ ଅଡିଟ୍ ହେବାକୁ ଦିଆଯାଇନାହିଁ। ୨୦୨୦ରେ ଲାଗୁ ହୋଇଥିବା କଠୋର ଆମେରିକାର କଟକଣା ଏବଂ ସେଠାକାର ଅସ୍ଥିର ରାଜନୈତିକ ପରିସ୍ଥିତି ଯୋଗୁଁ ଏହି ଦେୟ ଏବଂ ତୈଳ ଉତ୍ପାଦନ ଦୀର୍ଘ ସମୟ ପାଇଁ ବନ୍ଦ ରହିଛି।

### ଚୀନ ନୂତନ ଋଣ ପ୍ରଦାନ ବନ୍ଦ କରିଛି

ଚୀନ ମଧ୍ୟ ଭେନେଜୁଏଲାକୁ ନୂତନ ଋଣ ପ୍ରଦାନ ବନ୍ଦ କରିଦେଇଛି। ଏହା ଆଉ ଭେନେଜୁଏଲ ଏବଂ ତୈଳ ଉପରେ ନିର୍ଭରଶୀଳ ନୁହେଁ। ଆମେରିକା ବର୍ଷ ବର୍ଷ ଧରି ଭେନେଜୁଏଲା ଉପରେ କଠୋର କଟକଣା ଲଗାଇଛି। ଆମେରିକା ଭେନେଜୁଏଲାର ତୈଳ ଶିଳ୍ପକୁ ଦଖଲ କରିବାକୁ ପ୍ରସ୍ତୁତ। ଆମେରିକୀୟ ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ଭେନେଜୁଏଲା ସରକାର ଏହି ରାଷ୍ଟ୍ରାୟତ୍ତ ଶିଳ୍ପକୁ ବିଦେଶୀ ନିବେଶ ପାଇଁ ଖୋଲିବା ପର୍ଯ୍ୟନ୍ତ ଆମେରିକୀୟ ପ୍ରତିବନ୍ଧକ ଅଧୀନରେ ତାଲିକାଭୁକ୍ତ ତେଲ ଟ୍ୟାଙ୍କରଗୁଡ଼ିକୁ ଭେନେଜୁଏଲାରେ ପ୍ରବେଶ କରିବାରୁ ଆମେରିକୀୟ ସେନା ବାରଣ କରିବ। ଏହା ଆମେରିକାକୁ ଯଥେଷ୍ଟ ଲାଭ ଦେବ। ଭେନେଜୁଏଲା ଏହାର ସରକାରୀ ବଣ୍ଡରେ ଡିଫଲ୍ଟର ବା ଖିଲାପକାରୀ ହେବା ପରଠାରୁ ବେଜିଂ ତାର ଋଣ ଅସୁଲ କରିବାକୁ ସଂଘର୍ଷ କରୁଛି। ସେହି ସମୟରେ, ଭେନେଜୁଏଲାକୁ ଚୀନ୍ ୪୪ ବିଲିୟନ ଡଲାର ଋଣ ଦେଇଥିଲା। ଦେଶର ଅର୍ଥନୀତି ଧ୍ୱଂସପ୍ରାପ୍ତ ହୋଇଥିଲା, ହିଂସା ଏବଂ ଦାରିଦ୍ର୍ୟ ବ୍ୟାପକ ଥିଲା ଏବଂ ଲକ୍ଷ ଲକ୍ଷ ଭେନେଜୁଏଲାବାସୀ ଦେଶ ଛାଡି ପଳାଇ ଯାଇଥିଲେ।

# ଭାରତ ମସଲା କମ୍ପାନୀ ପରିଦର୍ଶନରେ କେନ୍ଦ୍ର ସ୍ପାଇସେସ୍ ବୋର୍ଡ଼

### ଆମଦାନୀ ଓ ରପ୍ତାନୀ ପ୍ରକ୍ରିୟାକୁ କଲେ ପ୍ରଶଂସା




କଟକ, ୬ା୧ (ସମିସ): କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଦ୍ୱାରା ଗଠିତ ସ୍ପାଇସେସ୍ ବୋର୍ଡ଼ ଆଜି ଅଚାନକ ଭାରତ ମସଲା କମ୍ପାନୀର ବାରଙ୍ଗସ୍ଥିତ ଉତ୍ପାଦନ ୟୁନିଟ୍ ପରିଦର୍ଶନ କରିଛନ୍ତି। କମ୍ପାନୀ ପରିସରରେ ପହଞ୍ଚି ବୋର୍ଡର ଏକ ୫ ଜଣିଆ କମିଟି ଉତ୍ପାଦନ ପଦ୍ଧତି ଏବଂ ସାମଗ୍ରୀ ରପ୍ତାନୀ ବ୍ୟବସ୍ଥା ଟିକିନିଖି ବୁଲି ଦେଖିଥିଲେ। ବିଶେଷ କରି ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରକମ ରକମ ମସଲା ସାଙ୍ଗକୁ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟାକରଣ ଚାଲିଥିବା ଦେଖି ସେମାନେ ଖୁସି ବ୍ୟକ୍ତ କରିବା ସହ କମ୍ପାନୀର ପରିଚାଳନାକୁ ସାବାସୀ ଦେଇଥିଲେ। ଉତ୍ପାଦିତ ସାମଗ୍ରୀକୁ ରପ୍ତାନୀ କରିବାରେ କଣ ଅସୁବିଧା ହେଉଛି ଏଥିରେ କେନ୍ଦ୍ର ସରକାର କି ସହଯୋଗ କରିପାରିବେ ବୋଲି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କ ଠାରୁ ଆମୂଳ ଚୂଳ ପଚାରିବୁଝିଥିଲେ। ଲଜିଷ୍ଟିକ ବ୍ୟବସ୍ଥାରେ ହେଉଥିବା ସମସ୍ୟା ସମ୍ପର୍କରେ ଶ୍ରୀ ପଣ୍ଡା କମିଟିକୁ ଜଣାଇଥିଲେ। ଭିତ୍ତିଭୂମିର ଅଧିକ ବିକାଶ ପରେ ଖୁବ୍ ଶୀଘ୍ର ଭାରତ ମସଲା ବିଏସଆଇ ପ୍ରମାଣ ପାତ୍ର ହାସଲ କରିବାକୁ ଯାଉଥିବା ଜାଣି କମିଟି ସନ୍ତୋଷ ବ୍ୟକ୍ତ କରିଥିଲେ। ମହିଳା ସଶକ୍ତି କରଣରେ ଭାରତ ମସଲାର ପ୍ରୟାସକୁ ସେମାନେ ପ୍ରଶଂସା କରିଥିଲେ। ବୋର୍ଡର ସହକାରୀ ନିର୍ଦ୍ଦେଶକ ସନ୍ଦୀପ କୁମାର ଚୌରାସିଆ , ସାଇଣ୍ଟିଷ୍ଟ ରମେଶ ବାବୁ ନଟରାଜନ, ସିନିଅର ଫିଲ୍ଡ ଅଫିସର ଶ୍ରୀକ୍ଷେଶ କେ କୁଲୋଲି, ମୁମ୍ବାଇ ସ୍ପାଇସେଶ ବୋର୍ଡ଼ର ସହକାରୀ ନିର୍ଦ୍ଦେଶିକା ଡକ୍ଟର ମମତା, କୋଚି ସ୍ପାଇସେସ୍ ବୋର୍ଡର ସହକାରୀ ନିର୍ଦ୍ଦେଶିକା ଭିଶିସ୍ମା ପ୍ରମୁଖ ଏହି କମିଟିରେ ସାମିଲ ଥିବାବେଳେ ତାଙ୍କୁ ଭାରତ ମସଲା କମ୍ପାନୀର ଜିଏମ୍ ଅଶ୍ୱିନୀ କୁମାର ଦାସ, ଜିଏମ ଅପରେସନ ଅରୁଣ କୁମାର ନାୟକ, ଏକ୍ସପୋର୍ଟ ମ୍ୟାନେଜର ରଶ୍ମୀରଞ୍ଜନ ପରିଡ଼ା, ପିଆରଓ ଆଶିଷ ମହନ୍ତଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ।

# ଏସଏସ ଇନୋଭେସନସ ଦ୍ୱାରା ୧୦୦ ରୋବୋଟିକ୍ ଟେଲି-ସର୍ଜେରୀ

ନୂଆଦିଲ୍ଲୀ,୬ା୧(ଏଜେନ୍ସି): ଭାରତର ପ୍ରଥମ ସ୍ୱଦେଶୀ ସର୍ଜିକାଲ୍ ରୋବୋଟିକ୍ ପ୍ରଣାଳୀ ଏସଏସଆଇଆଇ ମନ୍ତ୍ରାର ବିକାଶକ ଏସ୍‌ଏସ୍ ଇନୋଭେଶନସ୍ ଇଣ୍ଟରନ୍ୟାସନାଲ ଇନ୍‌କ୍. ୧୦୦ ଟି ରୋବୋଟିକ୍ ଟେଲି-ସର୍ଜେରୀ ସଫଳତାର ସହିତ ସମ୍ପନ୍ନ କରି ଏକ ଐତିହାସିକ ମାଇଲ୍‌ଖୁଣ୍ଟ ହାସଲ କରିଛି। ଏହି ସଫଳତା ଟେକ୍ନୋଲୋଜି-ସକ୍ଷମ ସ୍ୱାସ୍ଥ୍ୟ ସେବାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଦୂରଦୂରାନ୍ତ ଅଞ୍ଚଳକୁ ସ୍ୱଦେଶୀ ନବୀନତା ମାଧ୍ୟମରେ ଉନ୍ନତ ସର୍ଜିକାଲ୍ ଦକ୍ଷତା ପହଞ୍ଚାଇବ। ଏସଏସ ଇନୋଭେସନସ ଦେଶରର ପ୍ରଥମ ମାରାଥନ୍ ରୋବୋଟିକ୍ ଟେଲି-ସର୍ଜେରୀ ଆୟୋଜନ କରି ଦିନକରେ ୨୦ ରୁ ଅଧିକ ଟେଲି-ସକ୍ଷମ ରୋବୋଟିକ୍ ସର୍ଜେରୀ ସଫଳତାର ସହ କରିଛି। ଏ ସମ୍ପର୍କରେ କମ୍ପାନୀର ସଂସ୍ଥାପକ,ଅଧ୍ୟକ୍ଷ ଏବଂ ସିଇଓ ଡା. ସୁଧୀର ଶ୍ରୀବାସ୍ତବ କହିଛନ୍ତି, ଏସଏସଆଇଆଇ ମନ୍ତ୍ରା ସହ ୧୦୦ ଟି ଟେଲି-ସର୍ଜେରୀ ସମ୍ପନ୍ନ କରିବା ଭାରତୀୟ ମେଡ୍‌ଟେକ୍ ନବୀନତା ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଏହି ମାରାଥନ୍ ରୋବୋଟିକ୍ ଟେଲି-ସର୍ଜେରୀ ବୃହତ୍ ପରିମାଣରେ ସଠିକତା ଓ ବିଶ୍ୱସନୀୟତାର ବାସ୍ତବ କ୍ଲିନିକାଲ୍ ପ୍ରଦର୍ଶନ।

# ସିସିଆଇ ରିପୋର୍ଟ: ଇସ୍ପାତ କମ୍ପାନୀଙ୍କ ଅସାଧୁ ମେଣ୍ଟ

### ତାଲିକାରେ ୨୮ କମ୍ପାନୀଙ୍କ ନାମ

ନୂଆଦିଲ୍ଲୀ,୬ା୧(ଏଜେନ୍ସି): କମ୍ପିଟିସନ୍ କମିସନ୍ ଅଫ୍ ଇଣ୍ଡିଆ (ସିସିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଖୁଲାସ କରିଛି। ଏକ ଗୋପନୀୟ ଦଲିଲ୍ ଅନୁଯାୟୀ, ଟାଟା ଷ୍ଟିଲ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ରାଷ୍ଟ୍ରାୟତ୍ତ ସେଲ୍ ସମେତ ଦେଶର ୨୮ଟି କମ୍ପାନୀ ଇସ୍ପାତ ମୂଲ୍ୟ ସ୍ଥିର କରିବାରେ ଏକ ଅସାଧୁ ମେଣ୍ଟ ଗଠନ କରିଥିଲେ। ଏହି ମେଣ୍ଟ ଦେଶରେ ଇସ୍ପାତ ମୂଲ୍ୟ ଧାର୍ଯ୍ୟ କରୁଥିଲା। ଏହାଦ୍ୱାରା ପ୍ରତିଯୋଗିତା ଆଇନ ଉଲ୍ଲଂଘନ ହୋଇଥିଲା। ରଏଟର୍ସ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଏବଂ ସେମାନଙ୍କର ଅଧିକାରୀମାନେ ପ୍ରଚୁର ମାତ୍ରାର ଜରିମାନାର ସମ୍ମୁଖୀନ ହୋଇଛନ୍ତି।

ଏହି ଘଟଣାରେ କମ୍ପିଟିସନ୍ କମିସନ୍ ଅଫ୍ ଇଣ୍ଡିଆ ମଧ୍ୟ ମୂଲ୍ୟ ସହଯୋଗ ପାଇଁ ୫୬ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟୀ କରିଛି। ଏଥିରେ ଜେଏସ୍‌ଡବ୍ଲ୍ୟୁର ପରିଚାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ, ଟାଟା ଷ୍ଟିଲ୍ ସିଇଓ ଟି.ଭି. ନରେନ୍ଦ୍ରନ୍ ଏବଂ ଚାରି ଜଣ ପୂର୍ବତନ ସେଲ୍ ଅଧ୍ୟକ୍ଷ ରହିଛନ୍ତି। ଏହି କମ୍ପାନୀଗୁଡିକ ୨୦୧୫ ରୁ ୨୦୨୩ ମଧ୍ୟରେ ବିଭିନ୍ନ ସମୟରେ ଏହି ଅସାଧ କାର୍ଯ୍ୟ ସହ ଜଡିତ ଥିଲେ। ସିସିଆଇର ନିର୍ଦ୍ଦେଶ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ଏହି ଘଟଣା ଏ ପର୍ଯ୍ୟନ୍ତ ଇସ୍ପାତ ଶିଳ୍ପ ସହିତ ଜଡିତ ସବୁଠାରୁ ବଡ଼ ମାମଲା। ୨୦୨୧ରେ ଏକ ବିଲ୍ଡର ଗୋଷ୍ଠୀ ତାମିଲନାଡୁର କୋର୍ଟରେ ଏହି ଘଟଣାରେ ଏକ ଫୌଜଦାରୀ ମାମଲା ଦାୟର କରିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ ୯ଟି କମ୍ପାନୀ ଇସ୍ପାତ ଯୋଗାଣ ହ୍ରାସ କରିବା ଏବଂ ମୂଲ୍ୟ ବୃଦ୍ଧି କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି। ୨୦୨୨ରେ କିଛି ଛୋଟ ଇସ୍ପାତ କମ୍ପାନୀର କାର୍ଯ୍ୟାଳୟରେ ଚଢାଉ ହୋଇଥିଲା। ପରେ ତଦନ୍ତକୁ ବିସ୍ତାର କରାଯାଇଥିଲା। ଏହା ସିସିଆଇର ଅକ୍ଟୋବରରେ ଦିଆଯାଇଥିବା ଆଦେଶର ଦଲିଲଭୁକ୍ତ। ସିସିଆଇ ନିୟମ ଅନୁଯାୟୀ, ଚୂଡ଼ାନ୍ତ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ଅସାଧୁ ମେଣ୍ଟ ଭଳି ମାମଲା ସମ୍ପର୍କରେ ସୂଚନା ସାର୍ବଜନୀନ କରାଯାଏନାହିଁ। ଆଦେଶରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ କମ୍ପାନୀଗୁଡ଼ିକର ଆଚରଣ ଭାରତୀୟ ପ୍ରତିଯୋଗିତା ଆଇନକୁ ଉଲ୍ଲଂଘନ କରେ ଏବଂ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦାୟୀ କରାଯାଇଛି।

# ଆମେରିକାକୁ ବି ଋଣ ଦେଇଛି ଭାରତ

### ୱାସିଂଟନ୍ ନେଇଛି ୨୦ ଲକ୍ଷ କୋଟି ଋଣ

### କରଜ ଭାରରେ ବୁଡ଼ିଛି ବିଶ୍ୱର ବୃହତ୍ ଅର୍ଥନୀତି




ନୂଆଦିଲ୍ଲୀ, ୬ା୧ (ଏଜେନ୍ସି): ଆମେରିକା ହେଉଛି ବିଶ୍ୱର ସର୍ବବୃହତ ଅର୍ଥନୀତି। ହେଲେ ବିଶ୍ୱର ଏହି ଆର୍ଥିକ ମହାଶକ୍ତି ଭାରତଠାରୁ ବି କୋଟି କୋଟି ଡଲାରର ଋଣ ନେଇଛି। ଋଣ ଜରିଆରେ ଭାରତର ଏହି ନିବେଶ କେବଳ ଆମେରିକାର ଟ୍ରେଜେରୀ ବଣ୍ଡକୁ ସମର୍ଥନ କରୁ ନାହିଁ ବରଂ ନିଜ ଦେଶର ବୈଦେଶିକ ସଂରକ୍ଷଣକୁ ମଧ୍ୟ ମଜବୁତ କରୁଛି। ଭେନେଜୁଏଲା ବିରୁଦ୍ଧରେ ସାମ୍ପ୍ରତିକ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ, ଆମେରିକା ଅନ୍ୟ ଦେଶରୁ ଋଣ ନିଏ କି ନାହିଁ ଏବଂ ଆମେରିକାକୁ ଭାରତ କେତେ ଋଣ ଦେଇଛି ବର୍ତ୍ତମାନ ତାହାକୁ ନେଇ ସମସ୍ତଙ୍କର ଉତ୍ସୁକତା ବଢ଼ିଛି।

ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକାର ମୋଟ ଜାତୀୟ ଋଣ ୩୮ ଟ୍ରିଲିୟନ (ପ୍ରାୟ ୩୪୦୦ ଲକ୍ଷ କୋଟି ଟଙ୍କା) ଡଲାରରୁ ଅଧିକ। ଏହା ସତ୍ତ୍ୱେ, ଆମେରିକା ତାର ଶକ୍ତି ବଜାୟ ରଖିଛି। ଆମେରିକା ଋଣ ନେବା ପାଇଁ ଟ୍ରେଜେରୀ ବଣ୍ଡ, ବିଲ୍ ଏବଂ ସିକ୍ୟୁରିଟିଜ୍ ଜାରି କରେ। ଭାରତ ପ୍ରାୟ ଯୁକ୍ତରାଷ୍ଟ୍ରର ଟ୍ରେଜେରୀ ବଣ୍ଡରେ ୨୩୪ ବିଲିୟନ (୨୦ ଲକ୍ଷ କୋଟି) ନିବେଶ କରିଛି। ଏହି ନିବେଶ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁଦୃଢ଼ କରେ ଏବଂ ଏକ ସ୍ଥିର ରିଟର୍ଣ୍ଣ ପ୍ରଦାନ କରେ। ଏହି ନିବେଶ ମାଧ୍ୟମରେ, ଭାରତ ପରୋକ୍ଷ ଭାବରେ ଯୁକ୍ତରାଷ୍ଟ୍ର ଅର୍ଥନୀତିର ସ୍ଥିରତାରେ ଯୋଗଦାନ ଦିଏ।

ଆମେରିକାର ସର୍ବବୃହତ ଋଣଦାତା ହେଉଛି ଯୁକ୍ତରାଷ୍ଟ୍ର ଫେଡେରାଲ୍ ରିଜର୍ଭ, ଯାହା ୪.୭୦ ଟ୍ରିଲିୟନ ଡଲାର ଋଣ ପ୍ରଦାନ କରିଛି। ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ମଧ୍ୟ ୨.୪୦ ଟ୍ରିଲିୟନ ଡଲାର ନିବେଶ କରିଛନ୍ତି। ବିଦେଶୀ ନିବେଶକଙ୍କ ମଧ୍ୟରେ ଚୀନ୍, ଜାପାନ ଏବଂ ଭାରତ ଆମେରିକାକୁ ମୋଟ ୮.୭୦ ଟ୍ରିଲିୟନ ଡଲାର ଋଣ ପ୍ରଦାନ କରିଛନ୍ତି। ସମ୍ପ୍ରତି, ବିଶ୍ୱ ମୂଲ୍ୟାଙ୍କନ ଏଜେନ୍ସି ମୁଡିଜ୍ ଆମେରିକାର ସାର୍ବଭୌମ ମୂଲ୍ୟାଙ୍କନକୁ ଟ୍ରିପଲ୍ ଏ ରୁ ଏଏ୧ କୁ ହ୍ରାସ କରିଛି। ଏହା ମୁଖ୍ୟତଃ ଯୁକ୍ତରାଷ୍ଟ୍ରର ବର୍ଦ୍ଧିତ ଋଣ ଏବଂ ଆର୍ଥିକ ଚାପ ଯୋଗୁଁ ହୋଇଛି।

